ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ସେପ୍ଟେମ୍ବର, ୨୦୨୩



## ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ଶିଶୁ ବାଟିକା ବିଭାଗ ପକ୍ଷରୁ ମାତୃ କର୍ମଶାଳା ପ୍ରଧାନ ଅଚାର୍ଯ୍ୟ ଶିବପ୍ରସାଦ ବାରିକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ଶିଶୁ ବାଟିକା ବିଭାଗର ୧୨ଟି ବ୍ୟବସ୍ଥାର କାଳାଂଶ କରାଯାଇଥିଲା। ଏଥିରେ ଶିଶୁଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ । ଶିଶୁ ବାଟିକା ପ୍ରମୁଖ କରୁଣାକର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରସାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### କ୍ଷତାକ୍ତ ଯୁବକଙ୍କ ହସ୍ପିଟାଲରେ ମୃତ୍ୟୁ

ବଲାଙ୍ଗୀର,୩।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ନିକଟ ଖୁଜେନପାଲି ନୂଆ ମଦଭାଟି ନିକଟରେ ରବିବାର ସନ୍ଧ୍ୟାରେ ଜଣେ ଯୁବକ କ୍ଷତାକ୍ତ ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଣିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ପୁଇଁତଲା ଥାନା କେଶରକେଲା ଗାଁର ସିଦ୍ଧାନ୍ତ ବରର୍ଗୀ ବୋଲି ଜଣାପଡିଛି। ଭାଇରାଲ ହୋଇଥିବା ଏକ ଭିଡିଓରେ ଖୁଜେନପାଲି ମଦଭାଟି ଛକରେ ଯୁବକ ଜଣକ ରକ୍ତାକ୍ତ ଅବସ୍ଥାରେ ପଡିଥିବାବେଳେ କେତେକ ତାଙ୍କର ମୋବାଇଲ ଭିଡିଓ କରିଥିଲେ। ଉକ୍ତ ଭିଡିଓରେ ସେ କେଶରକେଲାର ସିଦ୍ଧାନ୍ତ ବରର୍ଗୀ ବୋଲି କହୁଥିବା ଜଣାପଡିଛି। ତାଙ୍କୁ କେହି ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ତଦନ୍ତ ଆରମ୍ଭ କରାଯାଇଛି ବୋଲି ଏସ୍‌ଡିପିଓ ତୋଫାନ ବାଗ୍ କହିଛନ୍ତି। ବଲାଙ୍ଗୀର ସହର ସନ୍ନିକଟରେ ଲୁଟ୍‌ପାଟ ଏବଂ ରାହାଜାନି ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଜିଲା ନାହିଁ ତ ଭୋଟ ନାହିଁ

#### ଚେତାବନୀ ଦେଲା ଜିଲା କ୍ରିୟାନୁଷ୍ଠାନ କମିଟି

ଟିଟିଲାଗଡ଼, ୩।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଜିଲା ଦାବି ବର୍ତ୍ତମାନ ଗାଁଗଣ୍ଡାରେ ଜୋର ଧରିଲାଣି। ରବିବାର ଜଗୁଆଠାରେ ଜିଲା ଦାବିକୁ ନେଇ ଏକ ସଭାରେ ଆନ୍ଦୋଳନ ତୀବ୍ର କରିବା ପାଇଁ ମତପ୍ରକାଶ ପାଇଥିଲା। ପୂର୍ବତନ ସରପଞ୍ଚ ଲଳିତ ସାହୁ ସଭାରେ ଅଧକ୍ଷତା କରି ଜିଲା ନାହିଁ ତ ଭୋଟ ନାହିଁ ନାରା ଦେଇଥିଲେ। ଟିଟିଲାଗଡ଼ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ, ଯୁଗ୍ମ ଆବାହକ ମହେଶ ମହାନ୍ତି, ସଦସ୍ୟ ମନୋଜ ହାତୀ, ତୁଳସି ସାହୁ, ସୁଧୀର ଘଡେଇ, ଶମ୍ଭୁ ପ୍ରସାଦ ଗୋଏଲ, ଅର୍ଜୁନ ନାଗ ପ୍ରମୁଖ ମତବ୍ୟକ୍ତ କରିଥିଲେ। ହରିଶଙ୍କର ନାଗ, ଘନଶ୍ୟାମ ତାଣ୍ଡି, ରୁଦ୍ର ଭରସାଗର, ସର୍ବଜିତ ରାୟ, କୈବର୍ତ୍ତ ବାଗ, ମନୋଜ ନାଗ, ପ୍ରବୀର ଖରସେଲ, ମୁନ୍ନା ଜାଲ, ଚନ୍ଦ୍ର ବିଶି, ମେଘବର୍ଣ୍ଣ ନାଗ, ବିକାଶ ନାଗ, ସୂର୍ଯ୍ୟମଣୀ ନାଗ, ଜିତେନ୍ଦ୍ର ନାଗ, ବେଣୁ ବାଗ, ଝସକେତନ ଆଡ଼ୟୁଆଡ଼, ସହଦେବ ଆଡ଼ୟୁଆଡ଼, ତପନ ଜାଲ, ଚନ୍ଦ୍ରମଣି ବାଗ, ଅରୁଣ ସୁନାନୀ, ଲମ୍ବୋଦର ଛତର ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକଙ୍କ ବୈଠକ

ବଲାଙ୍ଗୀର,୩।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଭାରେ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ୨୦୨୨ ମସିହାରେ ନିଯୁକ୍ତ ହୋଇଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସେବା ପୁସ୍ତିକା ଖୋଲାଯାଇ ସେମାନଙ୍କୁ ଚଳିତ ବର୍ଷରେ ଯଥାସମୟରେ ବାର୍ଷିକ ବୃଦ୍ଧି ପ୍ରଦାନ କରାଯାଇଥିବାରୁ ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜଣାଯାଇଥିଲା। ୨୦୧୬ରୁ ୨୦୨୧ ମଧ୍ୟରେ ନିଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ସେବା ପୁସ୍ତିକା ଖୋଲିବା ତଥା ନିୟମିତକରଣ ବିଳମ୍ବ ଜନିତ ବକେୟା ଶୀଘ୍ର ପ୍ରଦାନ ପାଇଁ ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ୨୦୧୦ରୁ ୨୦୧୪ ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କାମ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ଆସିଥିଲା। ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ପ୍ରଦତ୍ତ ଉପହାର କିପରି ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ନିଯୁକ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପାଇବେ ସେ ବିଷୟରେ ଆଲୋଚନା ହୋଇଥିଲା। ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ପୁରୁଣା ପେନସନ, ୬ ବର୍ଷ ଚୁକ୍ତି ଅବଧି ଗଣନା ଓ ସମସ୍ତଙ୍କୁ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି ନେଇ ୨୦୦୪ ରୁ ୨୦୨୨ ମାସିହା ମଧ୍ୟରେ ନିଯୁକ୍ତ ସମସ୍ତ ଶିକ୍ଷକ ଆଗାମୀ ବିଧାନସଭା ଅଧିବେଶନରେ ଭୁବନେଶ୍ୱରରେ ଧାରଣା ଦେବେ ବୋଲି ମତପ୍ରକାଶ ପାଇଥିଲା । ସଭାରେ ସଭାପତି ରାଜ କୁମାର ଭୋଇ, ସମ୍ପାଦକ ବୀର କିଶୋର ସୁନା, ପଧାନ, ବିବେକାନନ୍ଦ ପାତ୍ର ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ।



ବଲାଙ୍ଗୀର ବିଇଡି କଲେଜରେ ଆୟୋଜିତ ଗଙ୍ଗାଧର ଜୟନ୍ତୀରେ ମଞ୍ଚାସୀନ ଅତିଥି।

# ଗଙ୍ଗାଧରଙ୍କ ନମ୍ର ବ୍ୟକ୍ତିତ୍ୱ ସାହିତ୍ୟରେ ପ୍ରତିଫଳିତ

### ବଲାଙ୍ଗୀର ବିଇଡି କଲେଜରେ ଗଙ୍ଗାଧର ଜୟନ୍ତୀ

ବଲାଙ୍ଗୀର, ୩।୯(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ସ୍ଥାନୀୟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ପାଳିତ ହୋଇଛି। ଓଡ଼ିଆ ସାହିତ୍ୟକୁ ଗଙ୍ଗାଧର ମେହେରଙ୍କ ଅବଦାନ, ତାଙ୍କ ସାହିତ୍ୟର ବିଶେଷତ୍ୱ ଓ ଆଦର୍ଶ ସମ୍ପର୍କରେ ଏହି ସଭାରେ ଆଲୋଚନା କରାଯାଇଥିଲା। ସଭା ପ୍ରାରମ୍ଭରେ ଛାତ୍ର ସୁମନ୍ତ, ବୃହସ୍ପତି ଓ ଛାତ୍ରୀ ହରିପ୍ରିୟା, ଶ୍ୱେତା, ବିଶ୍ୱରୂପା ଓ ଶ୍ୱେତାମ୍ବରୀଙ୍କ ଦ୍ୱାରା ଗଙ୍ଗାଧରଙ୍କ ରଚିତ ମଳୟ ଆବାହନ ଗୀତ ପରିବେଷଣ କରାଯାଇଥିଲା। କବିଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟିକ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅଧକ୍ଷ ଅନନ୍ତ କୁମାର ନାଏକ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଏମ୍ ୟୁନିଭର୍ସିଟିର ଭୀମ ଭୋଇ ଚେୟାରର ପ୍ରାକ୍ତନ ପ୍ରଫେସର ଡ. ସନ୍ତୋଷ କୁମାର ରଥ ଯୋଗଦେଇ ଗଙ୍ଗାଧରଙ୍କ ନମ୍ର ତଥା ସ୍ୱାଭିମାନୀ ବ୍ୟକ୍ତିତ୍ୱ ଓ ସାହିତ୍ୟରେ ତା'ର ପ୍ରତିଫଳନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱଭାବ କବିଙ୍କ ସାହିତ୍ୟର ଉତ୍କର୍ଷତା ଓ ବିଭିନ୍ନ ଦିଗ ସମ୍ପର୍କରେ ଓଡ଼ିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଜିତେନ୍ଦ୍ରୀୟ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ସହକାରୀ ପ୍ରଫେସର ଡ. ଅଜିତ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଡ. ନିବେଦିତା ସାହୁ ଅତିଥି ପରିଚୟ ଓ ସତ୍ୟଜିତ ଅପାଟ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଲଳିତ ପାତ୍ର, ଡ. ସଞ୍ଜୀବ ତ୍ରିପାଠୀ, ଡ. ସୁଧୀର ସାହୁ, ଭାସ୍କର ମାଝି, ରଶ୍ମିତା ସେନାପତି କାର୍ଯକ୍ରମରେ ସହଯୋଗ କରିଥିଲେ।

### ଭୁଲିଆ ସମାଜ ପାଳିଲା ଗଙ୍ଗାଧର ମେହେର ଜୟନ୍ତୀ



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

କଣ୍ଟାବାଞ୍ଜି, ୩।୯(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଭୁଲିଆ ସମାଜ ପକ୍ଷରୁ ରବିବାର ସ୍ଥାନୀୟ ହରିଭବନରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଭୁଲିଆ ସମାଜ ସଭାପତି ଯୁବରାଜ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏନଏସି ନଗରପାଳ ବରିୟାମ ସିଂ ସାଲୁଜା ମୁଖ୍ୟ ଅତିଥି, ମୁଖ୍ୟବକ୍ତାଭାବେ କଣ୍ଟାବାଞ୍ଜି ଭୋକେଶନାଲ ଡିଗ୍ରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଓଡ଼ିଆ ରିଡର ଡ. ଯୁଗଳ କିଶୋର ମେହେର, ସମ୍ମାନୀତ ଅତିଥିଭାବେ କଣ୍ଟାବାଞ୍ଜି ତହସିଲଦାର ଅମୃତଲାଲ ବେହେରା, ରାଜୀବ ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଅଶ୍ୱିନି କୁମାର ମେହେର, ବରିଷ୍ଠ ନାଗରିକ ନୀଳକଣ୍ଠ ମେହେର, ସନତ ମେହେର, ସମ୍ପାଦକ ସୁଧୀର ଠାକୁର ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱଭାବ କବିଙ୍କ ସାହିତ୍ୟ କୃତୀ ତାଙ୍କୁ ସବୁଦିନ ପାଇଁ ମନେ ରଖିବ ବୋଲି କହିଥିଲେ। ଗଙ୍ଗାଧର ମେହେରଙ୍କ ନାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ନଗରପାଳ ସାଲୁଜା ଏବଂ ତହସିଲଦାର ବେହେରାଙ୍କୁ ଏହି ଅବସରରେ ଅନୁରୋଧ କରାଯାଇଥିଲା । ସଭା ପ୍ରାରମ୍ଭରେ କବିଙ୍କ ତୈଳଚିତ୍ରରେ ପୂଜାର୍ଚ୍ଚନା ପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସଭା ପରେ ଭୁଲିଆ ସମାଜ ସମ୍ପାଦକ ସୁଧୀର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜଣଙ୍କୁ ଉଠାଇନେଲା ପୋଲିସ

### ସୁନା ବ୍ୟବସାୟୀ ଗଜାନନ ମେହେର ହତ୍ୟା ଘଟଣା

ଦେଓଗାଁ,୩।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ହାତୀସରା ଗାଁର ସୁନା ବ୍ୟବସାୟୀ ଗଜାନନ ମେହେର ହତ୍ୟା ମାମଲାରେ ସ୍ଥାନୀୟ ପୋଲିସ ଶନିବାର ରାତିରେ ଜଣଙ୍କୁ ଉଠାଇ ନେଇଛି।

୨୦୨୦ ମସିହା ନଭେମ୍ବର ୫ ତାରିଖରେ ସୁନା ବ୍ୟବସାୟୀ ମେହେର ନିଖୋଜ ହୋଇଥିବା ନେଇ ପରିବାର ତରଫରୁ ଦେଓଗାଁ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ନିଖୋଜର ୧୮ ଦିନ ପରେ ପାଟଣାଗଡ ଥାନା ତଥା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଚିପାକାନୀ ପତ୍ରା ଜଙ୍ଗଲରେ ସୁନା ବ୍ୟବସାୟୀ ମେହେରଙ୍କ ଗଳିତ ମୃତଦେହ ଓ ବାଇକକୁ ପୋଲିସ ଜବତ କରିଥିଲା। ପରେ ଏ ନେଇ ପରିବାର ଲୋକେ ହତ୍ୟା କରିଥିବା ଅଭିଯୋଗ ଆଣିଥିଲେ। ପୋଲିସ ଏ ନେଇ ହତ୍ୟା ମାମଲା ରଜୁ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ପୋଲିସ ତଦନ୍ତ ଆରମ୍ଭ କରିବା ପରେ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସାରସବାହାଲ ଗ୍ରାମର ଜଣେ ବ୍ୟକ୍ତି ସେହିଦିନଠାରୁ ଫେରାର ହୋଇ ଯାଇଥିଲେ। ତାକ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିଲା। ହେଲେ ପୋଲିସ ତାଙ୍କୁ ଧରି ପାରି ନ ଥିଲା। ଘଟଣାର ୩ବର୍ଷ ପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଘରକୁ ଆସିଥିବା ଖବର ପାଇ ପୋଲିସ ସଦଳବଳ ଶନିବାର ବିଳମ୍ବିତ ରାତିରେ ସାରସବାହାଲସ୍ଥିତ ତାଙ୍କ ଘରେ ଚଢାଉ କରି ତାଙ୍କୁ ଧରି ଥାନାକୁ ଆଣିଥିଲା। ତେବେ ଏହି ମାମଲାରେ ଆଉ କେତେ ଜଣ ସମ୍ପୃକ୍ତ ଅଛନ୍ତି ଓ ହତ୍ୟାର କାରଣ କ'ଣ ସେ ନେଇ ଖୋଳତାଡ କରୁଛି ପୋଲିସ। ଏନେଇ ଦେଓଗାଁ ଥାନାଧିକାରୀ ତାରାବତୀ ପଧାନଙ୍କୁ ପଚାରିବାରୁ ସୁନା ବ୍ୟବସାୟୀ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି କହିଥିଲେ।



ଗଜାନନ ମେହେରଙ୍କ ଫାଇଲ ଫଟୋ।

## ଜିଲାର ବିକାଶରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ସମ୍ବର୍ଦ୍ଧିତ ଖବରଦାତାଙ୍କ ସହ ଅତିଥି ଓ ଆୟୋଜକ।

### ଜିଲା ସାମ୍ବାଦିକ ସଂଘର ୬୨ତମ ପ୍ରତିଷ୍ଠା ଦିବସ

ବଲାଙ୍ଗୀର,୩।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ୬୨ତମ ପ୍ରତିଷ୍ଠା ଦିବସ ସମାରୋହ ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଶିବ ପ୍ରସାଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପ୍ରଥମେ ଦିବଂଗତ ପୂର୍ବତନ ବାଚସ୍ପତି, ମନ୍ତ୍ରୀ ତଥା ପାରଳାଖେମୁଣ୍ଡି ବିଧାୟକ ସୂର୍ଯ୍ୟନାରାୟଣ ପାତ୍ର ଏବଂ ସଂଘର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସଦସ୍ୟ ସତ୍ୟସୁନ୍ଦର ଭଞ୍ଜଙ୍କ ସଂଯାଜନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଋଷିକେଶ ଖିଲାରୀ ଓ ମୁଖ୍ୟବକ୍ତାଭାବେ ବଲାଙ୍ଗୀର ଆକାଶବାଣୀ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା କବି ଭାଗିରଥୀ ମିଶ୍ର ଯୋଗଦେଇଥିଲେ। ବଲାଙ୍ଗୀର ଜିଲାର ସର୍ବାଙ୍ଗୀନ ଉନ୍ନତି ଦିଗରେ ଜିଲା ସାମ୍ବାଦିକ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥି ବକ୍ତାମାନେ କହିଥିଲେ। ଏହି ଅବସରରେ ଜିଲା ସଂଘର ବରିଷ୍ଠ ଓ ଯୁବ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ପତ୍ରକାର ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ସତ୍ୟନାରାୟଣ ବେହେରା ସ୍ମୃତି ସମ୍ମାନ, କେସିଙ୍ଗାର ସୁରେଶ କୁମାର ଅଗ୍ରୱାଲଙ୍କୁ ଶଙ୍କର ପ୍ରସାଦ ମିଶ୍ର ସ୍ମୃତି ସମ୍ମାନ, ବଳରାମ ମିଶ୍ରଙ୍କୁ ସପନ ବହିଦାର ସ୍ମୃତି ସମ୍ମାନ, ପ୍ରଦୀପ୍ତ କୁମାର ମିଶ୍ରଙ୍କୁ କୈଳାସ ସାହୁ ସ୍ମୃତି ସମ୍ମାନ, ଲୋଇସିଂହା ଧରିତ୍ରୀ ପ୍ରତିନିଧି ସୁଶାନ୍ତ କୁମାର ବାରିକଙ୍କୁ ହୃଦାନନ୍ଦ ନନ୍ଦ ସ୍ମୃତି ସମ୍ମାନ ଏବଂ କଣ୍ଟାବାଞ୍ଜିର ପୁଷ୍ପକେତୁ ବେହେରାଙ୍କୁ ବାଳକୃଷ୍ଣ ହୋତା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାକାର୍ଯ୍ୟ ପୂର୍ବରୁ ସଂଘ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ସଂଘ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ସଂଘ ବରିଷ୍ଠ ଉପସଭାପତି ଲକ୍ଷ୍ମୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାରୱାଡି ଯୁବାମଞ୍ଚ ପକ୍ଷରୁ କର୍କଟ ପରୀକ୍ଷା ଶିବିର



ମନ୍ତ୍ରୀ ଟୁକୁନୀ ସାହୁ କର୍କଟ ପରୀକ୍ଷା ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଟିଟିଲାଗଡ଼, ୩।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ମାରୱାଡି ଯୁବାମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ଡ଼ିଏନ ରିସର୍ଟ ପରିସରରେ କର୍କଟ ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଭଳି ଶିବିର ଆୟୋଜନ ଦ୍ୱାରା କର୍କଟ ରୋଗର ଲକ୍ଷଣ ପ୍ରକାଶ ପୂର୍ବରୁ ଏହାର ନିରୂପଣ ସହ ରୋଗୀଙ୍କୁ ମୃତ୍ୟୁମୁଖରୁ ରକ୍ଷା କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ। ଶିବିର ଆୟୋଜକ ବାଲକୋ ଡାକ୍ତରଖାନା ରାୟପୁର କର୍କଟ ଚିହ୍ନିତ ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଯୋଜନା ତଥା ନିଜସ୍ୱ ଖର୍ଚ୍ଚରେ ଆରୋଗ୍ୟ ବିଧାନ କରିବ। ବାଲକୋ ସମେତ ସ୍ଥାନୀୟ ମାରୱାଡି ଯୁବାମଞ୍ଚ ସେଣ୍ଟ୍ରାଲ ଶାଖା ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ଏହି ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷଙ୍କ କର୍କଟ ରୋଗ ନେଇ ପରୀକ୍ଷା କରାଯାଇଥିଲା। ବାଲକୋ ପକ୍ଷରୁ ଡା. ଶ୍ରେୟସ ରେଡ୍ଡୀ, ଡା, ଭୂପେନ ଜୈନ, ଡା. ବୋମିତା ସାହୁ, ବିପେନ ସିଂ ରାଜପୁତ, ସତ୍ୟପ୍ରକାଶ ଆଚାର୍ଯ୍ୟ, ରାମେଶ୍ୱର ତ୍ରିପାଠୀ ରୋଗୀଙ୍କ ପରୀକ୍ଷା କରିଥିଲେ । ଯୁବାମଞ୍ଚ ପକ୍ଷରୁ ସଭାପତି ଗୋପାଲ ଜୈନ, ସମ୍ପାଦକ ରାହୁଲ ଜୈନ, ଶିବିର ସଂଯୋଜକ ଆରୁଷ ଶର୍ମା ଉପସ୍ଥିତ ଥିଲେ। ମଣ୍ଡଳୀ ଉପାଧକ୍ଷ ଅଙ୍କୁର ଅଗ୍ରୱାଲ ସଭା ପରିଚାଳନା କରିଥିଲେ । ସଂଗଠନର ବିବେକ ବାଗଡି, ସଂସ୍କାର ଅଗ୍ରୱାଲ, ହନି ଅଗ୍ରୱାଲ, ବିଶେଷ ଶର୍ମା, ନନ୍ଦନ ଅଗ୍ରୱାଲ, ନେମିଚନ୍ଦ ଶର୍ମା, ମିଣ୍ଟୁ ଶର୍ମା, ମାରୱାଡି ମହିଳା ପ୍ରଗତି ଶାଖା ଉପାଧକ୍ଷା ଖୁସୁ ଜୈନ, ସୋନାଲି ଜୈନ, ରିମଝିମ ଜୈନ, ରେଖା ଅଗ୍ରୱାଲ, ଅଗ୍ରୱାଲ ସଭା ଅଧକ୍ଷ ପ୍ରେମ ଜୈନ, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋଏଲ, ଗୋପାଲ ଲାଠ, ସରିତା ଲାଠ, ସୁରେଶ ଖୈତାନ, କାଉନସିଲର ସୁଧୀର ଅଗ୍ରୱାଲ ପ୍ରମୁଖ ସହାୟତା କରିଥିଲେ।

### ଯୁବ ରେଡ୍‌କ୍ରସ ଶାଖାର ପ୍ରବେଶ ଉତ୍ସବ

ବେହେରା,୩।୯(ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଯୁବରେଡକ୍ରସ ଶାଖାରେ ଯୋଗଦାନ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକ ପ୍ରବେଶ ଉତ୍ସବ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ଅକ୍ଷୟ ପଟ୍ଟନାୟକ, ନିକୁଞ୍ଜ ବିହାରୀ ସାହୁ ଓ ଫକୀର ଚଣ୍ଡି ଉପସ୍ଥିତ ଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ମୋହନ ଚରଣ ବିଷି ରେଡକ୍ରସର ଇତିହାସ, ଚିହ୍ନ, ମୌଳିକ ନୀତି ତଥା ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ବର୍ଷର ସ୍ୱେଚ୍ଛାସେବୀ ଜସମୀନ ନାଗ, ସୁରେଶ୍ୱରୀ ନାଏକ, ଖାନସୀ ନାଏକ, କାମେଶ୍ୱର ବିଷି, ଆଶୋକ ପାତ୍ର, ରମାକାନ୍ତ ଲହଜଲ, ଭରତ ଭୂଷଣ ନାଏକ ନୂତନ ଯୁବ ରେଡକ୍ରସରେ ଯୋଗଦାନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ରେଡକ୍ରସ କ୍ୟାପ ଓ ସ୍ରାପ ଦେଇଥିଲେ। କାର୍ଯ୍ୟକ୍ରମ ଖେଳ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ସଂଯୋଜନା କରିଥିବାବେଳେ ଆଶୋକ ଚଣ୍ଡି ଓ ସାନୁର୍ଯ୍ୟ ଗୋପାଳ ପରିଚାଳନାରେ ସହଯୋଗ କରିଥିଲେ।

## ଆଦିବାସୀ ସଂଘ ଭବନ ଲାଗି ଭୂମିପୂଜନ

ଗୁଡ଼ଭେଲା,୩।୯(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ରୁଗୁଡିପାଲି ଗ୍ରାମରେ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଭୂମି ପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ବ୍ଲକ ସଭାପତି ବରୁଣ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦେଉଳଗୁଡି ସରପଞ୍ଚ ମଧୁମତି ଅଗ୍ରୱାଲ,ସମିତି ସଭ୍ୟା ସଞ୍ଜୁ ମାଝି, ମାଢେକେଲା ପଞ୍ଚାୟତ ସରପଞ୍ଚ ରଘୁମଣି ମହାନନ୍ଦ, ସମିତି ସଭ୍ୟ ଉଜ୍ଜ୍ୱଳ ଭୋଇ, ପୋଲିସ ବିଭାଗ କର୍ମଚାରୀ ମୀନକେତନ ଭୋଇ ଅତିଥିଭାବେ ଯୋଗ ଦେଇଥିଲେ। ସଂଘର ତୁଷୁରା ଏନଏସି ସଭାପତି ଗୋପାଳ ଭୋଇ, ଶ୍ୟାମ ଭୋଇ, ବୈଶାଖୁ ରାଉତ, ମଧୁସୂଦନ ଭୋଇ, ଟୁକୁ ମାଝି, ବିଶ୍ୱଲାଲ ମାଝି ମଞ୍ଚାସୀନ ଥିଲେ। ଶିକ୍ଷା ଓ ଆର୍ଥିକ ବିକାଶ ଉପରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଦିବାସୀ ଭବନ ପାଇଁ ଭୂମିଦାନ କରିଥିବା ବିରଞ୍ଚି ପାତ୍ର ଓ ତାଙ୍କ ସ୍ତ୍ରୀ ପଦ୍ମିନୀଙ୍କୁ ସମ୍ମାନୀତ କରାଯାଇଥିଲା।



ଭୂମି ପୂଜନ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

# ଆଲୋଚନା ବିଫଳ, ଧାରଣା ଜାରି

ଲୋଇସିଂହା,୩।୯(ସୁଶାନ୍ତ ବାରିକ)

ଦଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କେଉଟ, କୈବର୍ତ୍ତ ଓ ଧୀବର ଜାତିକୁ ଅନୁସୂଚିତ ଜାତି ତାଲିକାରୁ ବାଦ ଦେବା ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସମ୍ମୁଖ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡରେ ଟେଣ୍ଟ ମାରି ଧାରଣା ଦିଆଯାଉଛି। ରବିବାର ଧାରଣାର ତୃତୀୟ ଦିବସରେ ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ସଂଘମିତ୍ରା କାଲୋ ଓ ଅଇଆଇସି ଯାଜ୍ଞସିନୀ ନାୟକ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ କଥା ହୋଇଥିଲେ। ଗତ ଜୁଲାଇ ୫ ରାଲି ଏବଂ ଅଗଷ୍ଟ ୭ରେ ୫ ଟି ସଚିବଙ୍କ ଅଭିଯୋଗ ଶୁଣାଣି ବେଳେ ଦିଆଯାଇଥିବା ଦାବିପତ୍ର ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯାଇଛି। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବେ। ତେଣୁ ଆନ୍ଦୋଳନରୁ ଓହରି ଯିବାକୁ ଅଧିକାରୀମାନେ ଅନୁରୋଧ କରିଥିଲେ। ଅପରପକ୍ଷେ ଆନ୍ଦୋଳନକାରୀ ଏକ ନିର୍ଦ୍ଦିଷ୍ଟ ପରିବାର ଉପରେ ଆରୋପ ଲଗାଇ ବର୍ଷିଛନ୍ତି। ସମ୍ପୃକ୍ତ ପରିବାର ଧାରଣାସ୍ଥଳକୁ ଆସି କ୍ଷମା ନ ମାଗିବା ଯାଏ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ଆନ୍ଦୋଳନକାରୀ ରୋକଠୋକ କହିଛନ୍ତି। ଆଲୋଚନା ବିଫଳ ହେବାରୁ ଅଧିକାରୀମାନେ ସେଠାରୁ ଫେରିଯାଇଥିଲେ। ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଦଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏପରି ଆଭିମୁଖ୍ୟ ଗ୍ରହଣ କରାଯାଇଛି। ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀଙ୍କ ପ୍ରଚ୍ଛନ୍ନ ସହାୟତାରେ ସାମୂହିକ ଭୁକ ହରତାଲ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏଥିରେ ଟିଟିଲାଗଡ, ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ଦଳିତ ଧାରଣାରେ ବସିଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗଣ୍ଡା, ଘାସି ଓ ଚମାରମାନଙ୍କ ପ୍ରତି ବୈମାତୃକ ମନୋଭାବ ରଖି ଛୁଆଁଅଛୁଆ ଭେଦଭାବ ଆଜି ବି ବଳବତ୍ତର ରହିଛି ସେମାନେ ଅଭିଯୋଗ କରିଛନ୍ତି। ରବିବାର ସନ୍ଧ୍ୟାରେ ବିଜେଡି ସ୍ୱଭିମାନ ମଞ୍ଚର ସୀତାକାନ୍ତ ସାଏ ଓ ପ୍ରମୋଦ ଅମାତ ଧାରଣାରେ ସାମିଲ ହୋଇ ସମର୍ଥନ ଜଣାଇଥିଲେ।



ବିଡିଓ ଏବଂ ଅନ୍ୟ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ବିଧାନସଭା ଘେରାଉ ପାଇଁ ଅଙ୍ଗନୱାଡି ସଂଘର ପ୍ରସ୍ତୁତି

ସୋନପୁର,୩।୯(ମୃତ୍ୟୁଞ୍ଜୟ ଶତପଥୀ)

ଅଲ ଓଡିଶା ଅଙ୍ଗନୱାଡି ୱାର୍କର୍ସ ୟୁନିଅନ ସୁବର୍ଣ୍ଣପୁର ଜିଲା ଶାଖାର ଏକ ବୈଠକ ସୋନପୁର ମିଶନ ଶକ୍ତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାନେତ୍ରୀ ମମତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ୬ ବ୍ଲକରୁ ପଞ୍ଚାୟତ ଲିଡର, ସେକ୍ଟର ଲିଡର, ବ୍ଲକ ଲିଡରଙ୍କ ସମେତ ଜିଲା ନେତୃବୃନ୍ଦ ଯୋଗ ଦେଇଥିଲେ। ଅଲ ଓଡିଶା ଅଙ୍ଗନୱାଡି ସଂଘର ଆହ୍ୱାନକ୍ରମେ ବିଭିନ୍ନ ଦାବି ନେଇ ଆସନ୍ତା ସେପ୍ଟେମ୍ବର ୨୨ ତାରିଖରେ ଓଡିଶା ବିଧାନସଭା ଘେରାଉ ଏବଂ ଡିସେମ୍ବର ୧୧ ତାରିଖରେ ଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜିଲା ସମ୍ପାଦିକା ପୁଷ୍ପାଞ୍ଜଳି ଦାଶ ଏବଂ କୋଷାଧ୍ୟକ୍ଷା ଆରତି ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ବର୍ଷିୟାନ ନାଗରିକଙ୍କ ପରଲୋକ

ଅତାବିରା,୩।୯(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ଥାନା ଦୁଲମପୁର ଗ୍ରାମର ବର୍ଷିୟାନ ନାଗରିକ ଚତୁର୍ଦ୍ଦଶୀ ଭୋସାଗରଙ୍କ ସମ୍ବଲପୁର ଜେଏମ୍‌ଜେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଭୋସାଗର ପୂର୍ବରୁ ଜିଲା ଗଣ୍ଡା ସମାଜର ସଭାପତି ଭାବେ ଦୀର୍ଘବର୍ଷ କାର୍ଯ୍ୟ କରିଥିଲେ। ଜଣେ ସମାଜ ସଂସ୍କାରକ ଭାବେ ଆଜୀବନ କାର୍ଯ୍ୟ କରିଥିବା ସ୍ୱର୍ଗତ ଭୋସାଗର ଆମ୍ବେଦକର ପ୍ରେମୀ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି।

### ପଞ୍ଚାୟତ ହାଇସ୍କୁଲରେ ସଂସ୍କୃତ ଦିବସ ପାଳିତ

ବାଉଁଶୁଣୀ, ୩।୯(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ତାଳସରଡା ପଞ୍ଚାୟତ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବୌଦ୍ଧ ମଣ୍ଡଳ ଶିକ୍ଷକ ସଂଘ ପକ୍ଷରୁ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଛାତ୍ରୀମାନେ ସଂସ୍କୃତରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ନବୀନ ଚନ୍ଦ୍ର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡ.କୁମାର ଚନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥିଭାବେ ବୌଦ୍ଧ ଉତ୍କଳ ସଂସ୍କୃତ ଶିକ୍ଷକ ସଂଘ ସଭାପତି ତ୍ରିନାଥ ରାଉଳ, ଶିକ୍ଷକ ଅଜିତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟାପକ ପ୍ରତାପ ରଥ ଯୋଗଦେଇଥିଲେ। ସଂସ୍କୃତ ଭାଷାକୁ ବଞ୍ଚାଇବା ପାଇଁ ଛାତ୍ରୀଛାତ୍ରମାନେ ସଂସ୍କୃତ ପଢ଼ିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଚେତାରାମ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂସ୍କୃତ ଶିକ୍ଷକ ଜିତେନ୍ଦ୍ର ନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ସଂସ୍କୃତ ଗୀତା ଶ୍ଲୋକ ଆବୃତ୍ତିରେ ବରିଷ୍ଠ ବିଭାଗରେ ପ୍ରଥମ ସୁଶ୍ରୀ ସୌମ୍ୟାମୟୀ ରଥ, ଦ୍ୱିତୀୟ ସ୍ମରଣିକା ପାଢ଼ୀ ଓ ତୃତୀୟ ସନ୍ତୋଷିନୀ ବିଶାଳ, ସଂସ୍କୃତ ଭାଷଣରେ ରାଜଶ୍ରୀ ମହାପାତ୍ର ପ୍ରଥମ, ପ୍ରଭୁଦତ୍ତ ଭୋକ୍ତା ଦ୍ୱିତୀୟ ଓ ମୀନାରାଣୀ ବିଶାଳ ତୃତୀୟ, କନିଷ୍ଠ ବିଭାଗ ସଂସ୍କୃତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଆଧେତ୍ରି ପୁରୋହିତ, ଦ୍ୱିତୀୟ ଇରସ୍ୱତା ପୁରୋହିତ, ତୃତୀୟ ରୋଜ ମହାନନ୍ଦିଆ ଓ ଶିଖା ମହାନନ୍ଦିଆ, କନିଷ୍ଠ ବିଭାଗ ଗୀତା ବୃତ୍ତିରେ ଇରଶ୍ୱତା ପୁରୋହିତ, କେଶବ ପ୍ରତୀକ ସାହୁ, ମାଧବ ପ୍ରତୀକ ସାହୁ, ସ୍ମୃତିରେଖା ମହାରଣା, ଜଗନ୍ନାଥ ଗାଇଗୌରିଆ, ଶିଖା ମହାନନ୍ଦିଆ ଓ ସବ ଜୁନିୟରରେ ଧରିତ୍ରୀ ବେହେରାଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ ଶିକ୍ଷକ ଜିତେନ୍ଦ୍ର ନାଥ ଦାସ, ତ୍ରିନାଥ ରାଉଳ, ଧରଣୀଧର ସାହୁ, ଜ୍ଞାନ ରଞ୍ଜନ ଦେହୁରୀ, ରାଜୀବ କହଁର, ସୁଧୀର କୁମାର କର୍ଣ୍ଣ, ମମିତା ପ୍ରଧାନ, ନବୀନ ଶତପଥୀ, ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୌଦ୍ଧ ବୁଟୁପାଲି ତୁଳସୀ ମଣ୍ଡପରେ ରବିବାର ଅନୁଷ୍ଠିତ କଂଗ୍ରେସର ଜନ ଜାଗରଣ ସଭାରେ ମଞ୍ଚାସୀନ କଂଗ୍ରେସ ନେତୃବର୍ଗ।

# ରାଜ୍ୟ, କେନ୍ଦ୍ର ସରକାର ଉପରେ ବର୍ଷିଲେ ନେତା

ବୌଦ୍ଧ, ୩।୯(ଅଜିତ କୁମାର ବାରିକ)

**ବୌଦ୍ଧରେ କଂଗ୍ରେସର ଜନ ଜାଗରଣ ସଭା**

ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଜନଜାଗରଣ ସଭା ସହରର ବୁଟୁପାଲି ତୁଳସୀ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ନବ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଓଡିଶା ପ୍ରଭାରୀ ଡା.ଏ.ଚେଲ୍ଲା କୁମାର, ପ୍ରଦେଶ କଂଗ୍ରେସ ସଭାପତି ଶରତ କୁମାର ପଟନାୟକ, ପ୍ରଚାର କମିଟି ଅଧ ବିଜୟ ପଟ୍ଟନାୟକ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ରାଜଗାଙ୍ଗପୁର ବିଧାୟକ ଡ.ରାଜନ ଏକ୍କା, ଓଡ଼ିଶା ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ବୌଦ୍ଧ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ କବିତା ମହାକୁଡ, ପୂର୍ବତନ ସାଂସଦ ନକୁଳ ନାୟକ, ଦଳର ବୌଦ୍ଧ ଜିଲା ପର୍ଯ୍ୟବେକ୍ଷକ ଜାନକୀବଲ୍ଲଭ ପଟନାୟକ, କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୂର୍ବରୁ ଦଳ ପକ୍ଷରୁ ହରଭଙ୍ଗା ବ୍ଲକର ଚାରିଛକ ବଜାରଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ଓଡିଶା ପ୍ରଭାରୀ ଚେଲ୍ଲା କୁମାର ଓ ପ୍ରଦେଶ କମିଟି ସଭାପତି ଶରତ ପଟନାୟକଙ୍କୁ ସ୍ୱାଗତ କରାଯାଇ ସଭାସ୍ଥଳକୁ ନିଆଯାଇଥିଲା।

ସଭାରେ ପିସିସି ସଭାପତି ସଭାପତି ପଟ୍ଟନାୟକ ଉଭୟ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ଓ ରାଜ୍ୟର ନବୀନ ପଟ୍ଟନାୟକଙ୍କ ବିଜେଡି ସରକାରର ଜନ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଅସହ୍ୟ ଦରବୃଦ୍ଧି ଯୋଗୁ ଜନତା ତ୍ରାହିତ୍ରାହି ଡାକିଲେଣି। ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ଓଡ଼ିଶାରେ ଗଣତନ୍ତ୍ରକୁ ବିଜେଡି ସରକାର ହତ୍ୟା କରି ଚାଲିଛନ୍ତି। ଏଠାରେ ଜନ ପ୍ରତିନିଧିଙ୍କର କୌଣସି ଗୁରୁତ୍ୱ ନାହିଁ। ତେଣୁ ଓଡ଼ିଶାର ସ୍ୱାଭିମାନ ଓ ବିଜେଡି, ଭାଜପା ସକରାରର କୁଶାସନ ବିରୋଧରେ ୨୦୨୪ ସାଧାରଣ ନିର୍ବାଚନରେ ଲୋକେ କଂଗ୍ରେସ ଦଳକୁ ଆଶୀର୍ବାଦ କରିବେ ବୋଲି ସେ ଆହ୍ୱାନ ଦେଇଥିଲେ। ମିଶନ ୯ରୁ ୯୦ ବୌଦ୍ଧରୁ ଆରମ୍ଭ ହେବ ବୋଲି ପିସିସି ସଭାପତି ପଟ୍ଟନାୟକ ଅଶାବ୍ୟକ୍ତ କରିଥିଲେ।

ଓଡିଶା ପ୍ରଭାରି ଚେଲ୍ଲା କୁମାର ଗ୍ୟାସ ଦରବୃଦ୍ଧି, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ କଥା ଉଠାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ମହିଳାମାନଙ୍କୁ କିଛି ପ୍ରଶ୍ନ ପଚାରି ପୁରୁସ୍କୃତ କରିଥିଲେ। ପ୍ରଚାର କମିଟି ଅଧକ୍ଷ ବିଜୟ ପଟନାୟକ ୫-ଟି ଏକ ମିଛି ବୋଲି ମତବ୍ୟକ୍ତ କରିବା ସହ କଂଗ୍ରେସ ଦଳକୁ ମଜ୍ଜୁଭୁତ କରିବାକୁ ଆହ୍ୱାନ କରିଥିଲେ। ଓଡ଼ିଶା ମହିଳା କଂଗ୍ରେସ ସଭାନେତ୍ରୀ ପରିଡା ମିଶନ ଶକ୍ତି ନାଁରେ ରାଜ୍ୟ ସରକାର ମହିଳାଙ୍କୁ ଭୁଆଁ ବୁଲାଉଥିବା କହିଥିଲେ। ବିଧାୟକ ସାଲୁଜା ମଣିପୁର ହଂସା, ନାରି ନିର୍ଯାତନା ଓ ୫-ଟି ସଚିବ ଗସ୍ତ ଖର୍ଚ୍ଚ ନେଇ ବର୍ଷିଥିଲେ। ବୈଠକରେ ବିଧାୟକ ତାର ପ୍ରସାଦ ବାହିନୀପତିଙ୍କ ମୁଖ୍ୟମନ୍ତ୍ରୀ ପ୍ରତି କଟାକ୍ଷ କରିଥିବା ଗୀତ ଲୋକଙ୍କୁ ଆନନ୍ଦର ଖୋରାକ ଯୋଗାଇଥିଲା।

### ଖଟିଆରେ ୨କିମି ବୁହା ହେଲେ ରୋଗୀ

କନ୍ଧମାଳ/ଘଣ୍ଟାପଡା,୩।୯
(ଆଦିତେଶ୍ୱର ମିଶ୍ର/ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ପଞ୍ଚାୟତ ଅନ୍ତର୍ଗତ ନାଦେନ ଗାଁର ଠିବୁଲି ଭୋଇ ନାମକ ଜଣେ ରୋଗୀ ରୋଗରେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ରାସ୍ତା କାଦୁଅ, ଖାଲଖାମ ଯୋଗୁଁ ଆମ୍ବୁଲାନ୍ସ ଗାଁକୁ ଯାଇ ନ ପାର ଦୁଇ କିମି ଦୂରରେ ଅଟକି ରହିଥିଲା। ଫଳରେ ପରିବାର ଲୋକେ ଓ ସମ୍ପର୍କୀୟଙ୍କ ଏକ ଖଟିଆରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ଅଟକି ଥିବା ସ୍ଥାନ ପର୍ଯ୍ୟନ୍ତ ଆଣିଥିଲେ। ପରେ ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଣ୍ଟାବାଳ ମେଡିକାଲ ଅଣାଯାଇଥିଲା।


ଖଟିଆରେ ରୋଗୀଙ୍କୁ ବୁହାହୋଇ ନିଆଯାଉଛି।

### କର୍ମଜୀବୀ ସାମ୍ବାଦିକ ସଂଘର ସ୍ୱନକ୍ଷତ୍ର ଦିବସ

ବୌଦ୍ଧ,୩।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କର୍ମଜୀବୀ ସାମ୍ବାଦିକ ସଂଘର ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ଟାଉନ ହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମନୋରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବୌଦ୍ଧ ପଞ୍ଚାୟତ ସମିତ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ରାଜ୍ୟ କର୍ମଜୀବୀ ସଂଘ ଉପସଭାପତି ଆଶୁତୋଷ ରଥ, ଡା. ରାକେଶ ତ୍ରିପାଠୀ, ଅବସରପ୍ରାପ୍ତ କର୍ଣ୍ଣେଲ ଶିଶିର ଘୋଷ, ମୁଖ୍ୟବକ୍ତା ଭାବେ ଇଂ. ସଞ୍ଜୟ ପଣ୍ଡା, ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପାଢ଼ି, କବି ଓ ଲେଖକ ଦେବରାଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ଆଚାର୍ଯ୍ୟ, ରବି ନାରାୟଣ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଦେଖାଇଥିବା ଜିଲାର ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ନୀଳଚକ୍ର ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ଜିଲା ସମ୍ପାଦକ ସିଦ୍ଧେଶ୍ୱର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ପଞ୍ଚରଥ ମନ୍ଦିରରୁ ଚୋରି ମୂର୍ତ୍ତି ଉଦ୍ଧାର


ଉଦ୍ଧାର ହୋଇଥିବା ମୂର୍ତ୍ତି।

ସୋନପୁର,୩।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ସୋନପୁର ଥାନା ନିକଟସ୍ଥ ପଞ୍ଚରଥ ମନ୍ଦିରରୁ ଶନିବାର ରାତିରେ ମୂର୍ତ୍ତି ଚୋରି ହୋଇଥିଲା। ମନ୍ଦିର ପୂଜକ ରବିବାର ଏ ସମ୍ପର୍କରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏକ ମାମଲା( ୨୦୦/୨୩)ରୁଜୁ ହୋଇଥିଲା। ତେବେ କିରନ ଚରଣ ଦାଶ ନାମକ ଜଣେ ରଙ୍ଗମିସ୍ତ୍ରୀଙ୍କ ପାଇଁ ଚୋରି ହୋଇଥିବା ଧାତୁରେ ନିର୍ମିତ ମୂର୍ତ୍ତି ଉଦ୍ଧାର ହୋଇପାରିଛି। ସୋନପୁର-ବଲାଙ୍ଗୀର ରାସ୍ତାର ଝିଙ୍କି ଟିକ୍ରା ନିକଟରେ

**ରଙ୍ଗମିସ୍ତ୍ରିଙ୍କ ପାଇଁ ଉଦ୍ଧାର ହେଲା**

ରଙ୍ଗ ମିସ୍ତ୍ରୀ କିରନ ରଙ୍ଗ କାମ କରୁଥିଲେ। ଏହି ସମୟରେ ଜଣେ ଅଚିହ୍ନା ଯୁବକ ତାଙ୍କ ନିକଟକୁ ଆସି କିଛି ସାମଗ୍ରୀ ବିକ୍ରୀ କରିବାକୁ ଚାହିଁଥିଲା। ରଙ୍ଗ ମିସ୍ତ୍ରୀ କିରନ କି ସାମଗ୍ରୀ ବୋଲି ପଚାରିବାରୁ ଯୁବକ ଜଣକ ଗୋଟିଏ ବ୍ୟାଗରୁ କିଛି ଧାତୁ ମୂର୍ତ୍ତି ଦେଖାଇଥିଲା। ଏହା ଚୋରୀ ସାମଗ୍ରୀ ବୋଲି ସନ୍ଦେହ କରିବା ସହ ସମ୍ପୃକ୍ତ ଯୁବକକୁ କିରନ ଧରି ପକାଇଥିଲେ। ହେଲେ ଯୁବକ ଜଣକ ଚତୁରତାର ସହ ବ୍ୟାଗ ଛାଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ବ୍ୟାଗରୁ ଶିବ, ପାର୍ବତୀ, ବିଷ୍ଣୁ ଓ ଗଣେଶଙ୍କ ମୂର୍ତ୍ତି ସହ ଏକ କଳସ ଏବଂ ଘଣ୍ଟି ମିଳିଥିଲା। ଏହି ମୂର୍ତ୍ତି ପଞ୍ଚରଥ ମନ୍ଦିରରୁ ରାତିରେ ଚୋରି ହୋଇଥିବା ଜାଣିବା ପରେ କିରନ ସେଗୁଡିକୁ ସୋନପୁର ଥାନା ଜିମା ଦେଇଛନ୍ତି। ଉଦ୍ଧାର ମୂର୍ତ୍ତି ପଞ୍ଚରଥ ମନ୍ଦିରରୁ ଚୋରି ହୋଇଥିବା ସୋନପୁର ଆଇଆଇସି ପଦ୍ମାସିନି ମେହେର କହିଛନ୍ତି। ସେପଟେ ସୋନପୁର ସହର ପଞ୍ଚରଥ ମନ୍ଦିରରୁ ଗତ ରାତିରେ କିଛି ସାମଗ୍ରୀ ଚୋରିହୋଇଥିବା ନେଇ ଥାନାରେ ମାମଲା ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ମାତୃପୁରୀରେ ଗଙ୍ଗାଧର ଜୟନ୍ତୀ

ଅତାବିରା,୩।୯(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ ଲାଦେରପାଲିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଛି। ଅଧ୍ୟକ୍ଷ ଟିକେଲାଲ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୂଳଜୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ବଭ୍ରୁବାହନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଶେଷଦେବ ନାଏକ, ସାହିତ୍ୟ ବିଭାଗ ପ୍ରମୁଖ ସରୋଜ କୁମାର ରଥ, ଧର୍ମରାଜ ସାହୁ ପ୍ରମୁଖ ମଞ୍ଚାସୀନ ରହି ଗଙ୍ଗାଧରଙ୍କ କାବ୍ୟ କୃତୀ ଉପରେ ଆଲୋକପାତ କରିଥିଲେ। କବି ନିରଞ୍ଜନ ପଶାୟତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମିଲନିକା ନନ୍ଦଙ୍କ ନିର୍ଦ୍ଦେଶନାରେ ମାତୃପୁରୀ ସାଂସ୍କୃତିକ ପରିଷଦର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସଂସ୍କୃତି ପ୍ରଧାନ, ସୌରଭ ଦାଶ, ଭାବନା ଗଡ଼ତିଆଙ୍କୁ ପୁରସ୍କୃତ କରାଯାଇଥିଲା। ଯତୀନ୍ଦ୍ର ପ୍ରଧାନ, ଜୟଶ୍ରୀ ନନ୍ଦ, ହରିବୋଲ ଅଦାବର, ରାମଚନ୍ଦ୍ର ପ୍ରଧାନ, ସୁନିଲ ଖମାରୀ, ଏକାଦଶିଆ ସାହୁ, ଗିରିଜା ସାହୁ, ଯୁଗଳ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ସ୍ୱର୍ଣ୍ଣ, ରୌପ୍ୟ ଶିଳ୍ପୀ ସଂଘ ବୈଠକ

ବୌଦ୍ଧ, ୩।୯(ଅଜିତ କୁମାର ବାରିକ)

ବୌଦ୍ଧ ସହରସ୍ଥିତ ଦିବ୍ୟ ଜୀବନ ସଂଘ ପରିସରରେ ଜିଲା ସ୍ୱର୍ଣ୍ଣ, ରୌପ୍ୟ ଶିଳ୍ପୀ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡିଶା ସଂଘ ସଭାପତି ରମେଶ ଚନ୍ଦ୍ର ସାଥୁଆ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ସାଥୁଆ ଯୋଗଦେଇଥିଲେ। ଜିଲା ସଭାପତି ପବିତ୍ର ଚିନ୍ଦ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ର ସରକାରଙ୍କ ବିଶ୍ୱକର୍ମା ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ଯୋଜନା ଦ୍ୱାରା କାରିଗର ତଥା ଶିଳ୍ପୀମାନଙ୍କର ଯେପରି ଉପକାର ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ସଂଘ ସମ୍ପାଦକ ଆନନ୍ଦ ମହାପାତ୍ର ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ସାଗର କୁମାର ସରାଫ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟର ବିଭିନ୍ନ ଜିଲାର ସ୍ୱର୍ଣ୍ଣ, ରୌପ୍ୟ ଶିଳ୍ପୀମାନେ ଯୋଗଦେଇଥିଲେ।

### ସୋନପୁର ଦଳ ଜୋନ ଚାମ୍ପିୟନ

ସୋନପୁର,୩।୯(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ସିନିୟର ଫୁଟବଲ ଲିଗ**

ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ସିନିୟର ଫୁଟବଲ ଲିଗରେ ରବିବାର ସୋନପୁର ବ୍ଲକ ଜୋନରେ ସୋନପୁର ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଛକରମାଲ ପଞ୍ଚାୟତ ଓ କଳାପଥର ପଞ୍ଚାୟତ ମଧ୍ୟରେ ହୋଇଥିଲା। ଏଥିରେ ଛକରମାଲ ଦଳ ୩-୧ ଗୋଲରେ କଳାପଥରକୁ ପରାସ୍ତ କରିଥିଲା। ସୋନପୁର ବ୍ଲକ ଦଳ ଜୋନ ଚାମ୍ପିୟନ ହୋଇ ଲିଗ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ନାରାୟଣପୁର ଖେଳ ପଡିଆରେ ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୋନପୁର ବ୍ଲକ ଅଧକ୍ଷ ପ୍ରହ୍ଲାଦ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ପିୟୁଷ କୁମାର ପଣ୍ଡା, ନାରାୟଣପୁର ସରପଞ୍ଚ ପ୍ରମୋଦ ଧରୁଆ ଓ ଗୋପାଳ ବରାଇ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପୁରୁଷୋତ୍ତମ ପାଣିଗ୍ରାହୀ, ଭୁକୁଲୁ ବକ୍ସି, ବିକାଶ ପଣ୍ଡା, ରାଜୀବ ପଟ୍ଟନାୟକ ଓ ଚନ୍ଦନ ବେହେରା ପ୍ରମୁଖ ଆୟୋଜକ କମିଟି ସଦସ୍ୟ ମ୍ୟାଚ ଆୟୋଜନରେ ସହଯୋଗ କରିଥିଲେ।


ଅତିଥି ବୃନ୍ଦ ଜୋନ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ଲାତୁରପେଟକୁ ହରାଇ ଫୁଲଚରା ଚାମ୍ପିୟନ

ଅମରପାଲି,୩।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଦୁଇ ଦିନ ଧରି ଚାଲିଥିବା ଜିଲା ସିନିୟର ଫୁଟବଲ ଲିଗର ଫାଇନାଲରେ ଲାତୁରପେଟର ପ୍ରଗତୀ କ୍ଲବକୁ ହରାଇ ଫୁଲଚରା ଚାମ୍ପିୟନ ହୋଇଛି। ରବିବାର ସକାଳୁ ଚମ୍ପାମାଳ ପଞ୍ଚାୟତ ସରପଞ୍ଚ ମହେନ୍ଦ୍ର ଜଗଦଲା ମୁଖ୍ୟ ଅତିଥି ଏବଂ କ୍ରୀଡାବିତ୍ କିଶୋର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ରବିବାର ପ୍ରଥମ ମ୍ୟାଚ ବଙ୍କିଆ ଓ ହିଲୁଙ୍ଗ ମଧ୍ୟରେ ହୋଇଥିଲା। ଏଥିରେ ବଙ୍କିଆ ୧-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଦିତୀୟ ମ୍ୟାଚ ଲାତୁରପେଟ ପ୍ରଗତି କ୍ଲବ ଓ ଚମ୍ପାମାଳ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ଲାତୁରପେଟ ପ୍ରଗତି କ୍ଲବ ୩-୨ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଫୁଲଚରା ଓ ବଙ୍କିଆ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ଫୁଲଚରା ୧-୦ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନାଲ ଜଟେସିଂହା ଓ ପ୍ରଗତି ଲାତୁରପେଟ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ଲାତୁରପେଟ ଦଳ ୧-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ଫୁଲଚରା ଦଳ ୧-୦ ଗୋଲରେ ପ୍ରଗତି ଲାତୁରପେଟକୁ ହରାଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଆତ୍ମା ଅଧ୍ୟକ୍ଷ ବିବସତି ପଣ୍ଡା, ରାଧାକାନ୍ତ ବାଘ ଓ ଶେଷଦେବ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ସୁବର୍ଣ୍ଣପୁର ଜିଲା କ୍ରୀଡ଼ା ସଂଗଠକ ଦିଲ୍ଲୀପ ଗୁରୁ ଓ ଦିଗାମ୍ବର ଶତପଥୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଥିଲେ। ଚାମ୍ପିୟନ ଦଳ ଜିଲାସ୍ତରୀୟ ଫୁଟବଲ ଲିଗରେ ଅଂଶଗ୍ରହଣ କରିବେ। ଏହି ଫୁଟବଲ ଲିଗରୁ ୧୫ ଜଣିଆ ଏକ ବ୍ଲକସ୍ତରୀୟ ଫୁଟବଲ ଦଳ ଚୟନ କରାଯାଇଛି।


ଅତିଥିଙ୍କ ସହିତ ଚାମ୍ପିୟନ ଫୁଲଚରା ଦଳର ଖେଳାଳି।

**ସୁବର୍ଣ୍ଣପୁର ଜିଲା ସିନିୟର ଫୁଟବଲ ଲିଗ**

## ଠିକା ଶ୍ରମିକଙ୍କ ପାଇଁ ସଚେତନତା ଅଧିବେଶନ



ରାଉରକେଲା,୩।୯ (ବିପ୍ଳବ ରଞ୍ଜନ ଦାଶ)

ଠିକା ଶ୍ରମିକଙ୍କ ପାଇଁ ପ୍ରୟାସର ଏକ ସଚେତନତା ଅଧିବେଶନ ଆର୍‌ଏସ୍‌ପିର ସିପିଟିଆଇ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାରଖାନାରେ କାର୍ଯ୍ୟରତ ୪୦ ଜଣ ଠିକା ଶ୍ରମିକ ଭାଗ ନେଇଥିଲେ। ଉଦଯାପନୀ ଅଧିବେଶନରେ କାର୍ମିକ ସିଆଇଏସଟିଏମଏମ, ପ୍ରକଳ୍ପ ଓ ସିଏଲସି ବିଭାଗ ଜିଏମ୍ ସଞ୍ଜୟ ମେହରୋତ୍ରା ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କ ସହ ମତ ବିନିମୟ କରିଥିଲେ। କାର୍ମିକ ପ୍ରକଳ୍ପ ବିଭାଗର ସିନିୟର ମ୍ୟାନେଜର ଅବିନାଶ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। ଠିକା ଶ୍ରମିକଙ୍କୁ ସେମାନଙ୍କ ଅଧିକାର, ଲାଭ ସୁବିଧା, ଦାୟିତ୍ୱ, ମଜୁରୀ ଢାଞ୍ଚା, ବ୍ୟାଙ୍କ ଜରିଆରେ ମଜୁରୀ ପ୍ରଦାନ, ପେ ସ୍ଲିପ ଏବଂ ମେଡିକାଲ ସୁବିଧା ବିଷୟରେ କାର୍ମିକ -ସିଏଲସି ବିଭାଗର ଶ୍ରମ ଇନ୍ସପେକ୍ଟର କେ. କେ. ଲେଙ୍କା ଆଲୋଚନା କରିଥିଲେ। କାର୍ମିକ ସିଏଲସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଭରତ ମହାନ୍ତ ଏସଏ ୮୦୦୦ରେ ବିଭିନ୍ନ ପ୍ରାବଧାନ, ଅଧିକାର, ଅବହେଳା କାର୍ଯ୍ୟ ନିର୍ଘଣ୍ଟ, ସୁରକ୍ଷା, ମଜୁରୀ ଆଦି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ମିକ ସିଏଲସି ବିଭାଗର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିୟା ସିନ୍ଦୁର ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ନୀଳମଣି ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଆର୍‌ଏସ୍‌ପିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ କଲ୍ୟାଣ ପାଇଁ ପ୍ରୟାସ ଆରଏସପି ଦ୍ୱାରା ଆୟୋଜିତ ଏକ ଯୋଗାଯୋଗ ବୈଠକ ଅଟେ।

## ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

ରାଉରକେଲା,୩।୯ (ଦିନେଶ ମିଶ୍ର):

ରଘୁନାଥପାଲି ଥାନା ଅନ୍ତର୍ଗତ ଗଡିଆଟୋଲା ବସ୍ତିରେ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ବୃଦ୍ଧଙ୍କ ବୟସ ପ୍ରାୟ ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସବୃଦ୍ଧ ଜଣଙ୍କ ଗଡିଆଟୋଲା ବସ୍ତି ନିକଟ ନାଳ ପାଖରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ରବିବାର ପୋଲିସକୁ ଖବର ଦେଇଥିଲେ। ପୋଲିସ ବୃଦ୍ଧଙ୍କ ମୃତଦେହକୁ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ରିପୋର୍ଟ ଲେଖିବା (ରାତି ୮ଟା) ପର୍ଯ୍ୟନ୍ତ ମୃତ ବୃଦ୍ଧଙ୍କ କୌଣସି ପରିଚୟ ମିଳି ନ ଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୦।୨୩) ରୁଜୁ କରି ତଦନ୍ତ କରୁଛି।

# ଜମି ମିଳୁନି, ନୂଆ ଶିଳ୍ପ ସ୍ୱପ୍ନ

ରାଉରକେଲା,୩।୯ (ସଙ୍ଗୀତା ଜେନା)

ନୂତନ ରୋଜଗାର ପାଇଁ ସରକାରୀ ଚାକିରୀ ପଛରେ ନ ଗୋଡ଼ାଇ ବ୍ୟବସାୟ ଓ ଶିଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଆହ୍ୱାନ ଦେଉଛନ୍ତି। ହେଲେ ସୁନ୍ଦରଗଡ଼ ଜିଲାରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକଚର ଡେଭଲେପମେଣ୍ଟ କର୍ପୋରେଶନ (ଇଡ୍‌କୋ)ର ଅବହେଳନା ଯୋଗୁ ଏବେ ଶିଳ୍ପ ନାମରେ ଷ୍ଟାର୍ଟଅପ୍ ଉଦ୍ୟୋଗୀ ଓ କ୍ଷୁଦ୍ର ଶିଳ୍ପପତିଙ୍କୁ ଜମି ମିଳୁନାହିଁ। ଫଳରେ ଜିଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନ ହୋଇପଡିଛି।

ବ୍ୟବସାୟୀ, ଶିଳ୍ପ, ରୋଜଗାର ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷ ଓ କମ୍ପାନୀକୁ ଜମି ଆବଣ୍ଟନରେ ଇଡ୍‌କୋ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ହେଲେ ରାଉରକେଲାରେ ସ୍ଥାନୀୟ ଲୋକେ ଇଡ୍‌କୋରୁ ବିଶେଷ ଭାବେ ଉପକୃତ ହେଉ ନ ଥିବା ଅଭିଯୋଗ ହୋଇଛି।

### ରାଉରକେଲା ଶିଳ୍ପାଞ୍ଚଳ

ଦିବଂଗତ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୭୦ ଦଶକରେ ରାଉରକେଲାର ଉଦ୍ୟୋଗୀମାନଙ୍କ ପାଇଁ ରାଉରକେଲା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଏବଂ ୮୦ ଦଶକରେ ଇଡ୍‌କୋ କଲୁଙ୍ଗା 'ଏ' ଓ 'ବି'ରେ ଶିଳ୍ପପତିଙ୍କ ପାଇଁ ପ୍ରକଳ୍ପ ଆଣିଥିଲା। ବର୍ତ୍ତମାନ କଲୁଙ୍ଗା ଶିଳ୍ପାଞ୍ଚଳରେ ପ୍ରକଳ୍ପ ଅଞ୍ଚଳଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡିଛି। ଶିଳ୍ପପତିମାନେ ଜମି ବ୍ୟତୀତ ଅନ୍ୟ କୌଣସି ସୁବିଧା ପାଉ ନ ଥିବା କହିଛନ୍ତି। ସେମାନଙ୍କ ପାଇଁ ବିଦ୍ୟୁତ୍, ପାଣି, ରାସ୍ତାଘାଟ ଆଦି ମୌଳିକ ସୁବିଧା ନାହିଁ। ଫଳରେ ସେମାନେ ବ୍ୟବସାୟ ପ୍ରତିଷ୍ଠାନ ଓ କଳକାରଖାନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଉଦବେଗ ପ୍ରକାଶ କରି କହିଛନ୍ତି, ପୂର୍ବରୁ କଲୁଙ୍ଗା ଅଞ୍ଚଳରେ ଅନେକ ଶିଳ୍ପପତି ଲାଭବାନ ହୋଇଥିଲେ। ବର୍ତ୍ତମାନ ଉକ୍ତ ଅଞ୍ଚଳ ଜିଲାର ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ହୋଇଛି। ଇଡ୍‌କୋ କର୍ତ୍ତୃପକ୍ଷ ଉକ୍ତ ଶିଳ୍ପପତିମାନଙ୍କୁ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁମତି ଦେଲେ କିନ୍ତୁ ପ୍ରଦୂଷଣ ନିୟନ୍ତ୍ରଣକୁ ଆୟତ୍ତ କରିବାରେ ଅସମର୍ଥ ହେଲେ। ଇଡ୍‌କୋ ଶାଗମାଛ ଦରରେ ପୁଞ୍ଜିପତିମାନଙ୍କୁ ଜମି ଆବଣ୍ଟନ କରିଛି। ଏହାଦ୍ୱାରା ଶିଳ୍ପ ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କ ପାଇଁ ଜମିର ଆବଶ୍ୟକତା ପୂରଣ ହେବା କଷ୍ଟସାଧ୍ୟ ହୋଇପଡିଛି। ଏପରିକି ଇଡ୍‌କୋ କର୍ତ୍ତୃପକ୍ଷ ରାଉରକେଲାରେ ଇଡ୍‌କୋ ଟାୱାର ନିର୍ମାଣ କରିବାରେ ଅସମର୍ଥ ହୋଇଛନ୍ତି। ଉକ୍ତ ଟାୱାରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ପରିଚାଳନା ସୁବିଧାରେ ହୋଇଥାନ୍ତା ବୋଲି ମହାପାତ୍ର କହିଥିଲେ। ସେହିପରି ଭାଜପା ପ୍ରବକ୍ତା ଧୀରେନ ସେନାପତି କହିଛନ୍ତି, ୮୦ ଦଶକ ପରେ ଦୀର୍ଘ ସମୟ ଅତିକ୍ରମ କରିଯାଇଛି। ଲୋକେ ନୂତନ ପ୍ରକଳ୍ପ ପାଇଁ ଅପେକ୍ଷାରତ। ରାଉରକେଲା ବାସିନ୍ଦାଙ୍କ ପାଇଁ ସହର ତଥା ଆଖପାଖ ଅଞ୍ଚଳରେ ପ୍ରକଳ୍ପ ସୁଯୋଗ ମିଳିଲେ ଭଲ ହୁଅନ୍ତା ବୋଲି ସେନାପତି କହିଥିଲେ। ଏ ସମ୍ପର୍କରେ ଇଡ୍‌କୋର ରାଉରକେଲା ଡିଭିଜନ୍ ହେଡ୍ ନନ୍ଦନ କରାତଙ୍କୁ ପଚାରାଯିବାରୁ ସେ କହିଲେ, ନୂଆଗାଁ ରିୟୁ ଅଞ୍ଚଳରେ ୯୪.୫୪ ଏକର ଜମି ଅଧିଗ୍ରହଣ ଶେଷ ହୋଇଛି। ସମସ୍ତ ଖର୍ଚ୍ଚ ବଜେଟ୍ ଆକଳନ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ପ୍ରକଳ୍ପର ପାଚେରି ନିର୍ମାଣ ସହ ରାସ୍ତାଘାଟ ଆଦି ନିର୍ମାଣ ଯୋଜନା କରାଯାଉଛି। ଏହି ପ୍ରକଳ୍ପ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କୁ ପ୍ରାଥମିକତା ଦେଇ ନିର୍ମାଣ ହେଉଛି। ବର୍ଷର ଶେଷାର୍ଦ୍ଧରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି ବୋଲି କରାତ୍ କରିଥିଲେ।

# ଅକ୍ଟୋବର ୧୪ରେ ପୁରସ୍କୃତ ହେବେ ପୂଜା କମିଟି



ପୂଜା କମିଟି ସଭାପତିଙ୍କ ସହ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତା। (ଫଟୋ: ବିବେକ)

ରାଉରକେଲା,୩।୯ (ବିପ୍ଳବ ରଞ୍ଜନ ଦାଶ)

ଗତବର୍ଷ ପାର୍ବଣରେ ନିରାଡମ୍ବର ପୂଜା ପାଳନ କରିଥିବା ରାଉରକେଲା ସହରାଞ୍ଚଳ ଏବଂ ଶିଳ୍ପାଞ୍ଚଳର ବିଭିନ୍ନ ପୂଜା କମିଟି ତାଲିକାକୁ ରବିବାର ରାଉରକେଲା କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଘୋଷଣା କରାଯାଇଛି। ରାଉରକେଲା ଆଇଟିଡିଏ ହଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ପୂଜା କମିଟି ସଭାପତି ଡା. ଶୁଭଙ୍କର ମହାପାତ୍ର, ମହାନଗର ନିଗମ ଉପାୟୁକ୍ତ ସୁଧାଂଶୁ ଭୋଇଙ୍କ ସମେତ ସାଧାରଣ ସମ୍ପାଦକ ବିରାଜ ମୋହନ ବିଶ୍ୱାଳ ଓ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ବିଚାରକ ମଣ୍ଡଳୀଙ୍କ ମୂଲ୍ୟାୟନ ଫଳାଫଳ ଥିବା ବନ୍ଦ ଲଫାପାକୁ ଖୋଲାଯାଇଥିଲା। ସଭାପତି ଅଧିକ ନମ୍ବର ପାଇଥିବା ପୂଜା କମିଟିଗୁଡିକର ନାମ ଘୋଷଣା କରିଥିଲେ। କ୍ଲାସିକାଲ ବର୍ଗରେ ଷ୍ଟ୍ରିଟ୍ ଟାଉନଶିପ୍‌ର ସେକ୍ଟର-୨ ପ୍ରଥମ, ସେକ୍ଟର-୧ ଦ୍ୱିତୀୟ ଓ ଇସ୍ପାତ ମାର୍କେଟ ତୃତୀୟ ହୋଇଛି। ସିଭିଲ ଟାଉନଶିପ୍‌ରେ ପ୍ଲାଣ୍ଟ ସାଇଡ ପ୍ରଥମ, ଡେଲି ମାର୍କେଟ ଦ୍ୱିତୀୟ ଓ ତାରିଣୀ ମନ୍ଦିର ପାଖ ତୃତୀୟ, ଫର୍ଟିଲାଇଜର ଟାଉନଶିପ୍‌ରେ ଜଲଦା ବ୍ଲକ ପ୍ରଥମ, ବାଲିଯୋଡି ଦ୍ୱିତୀୟ ଓ ତରକେରା କଲୋନୀ ୩ୟ, ଓରିଏଣ୍ଟାଲରେ ଷ୍ଟିଲ ଟାଉନଶିପ୍ ସେକ୍ଟର-୭ ପ୍ରଥମ, ସେକ୍ଟର-୧୬ ଓ ସେକ୍ଟର-୨୦ ଯୁଗ୍ମ ଭାବେ ୨ୟ ଏବଂ ସେକ୍ଟର-୨୦ ଏବିସି ତୃତୀୟ ସ୍ଥାନରେ ରହିଛି। ଫର୍ଟିଲାଇଜର ଟାଉନଶିପ୍ କମ୍ୟୁନିଟି ସେଣ୍ଟର ପ୍ରଥମ, ଜଲଦା ସି ବ୍ଲକ ଦ୍ୱିତୀୟ ହୋଇଛି।

### ରାଉରକେଲା କେନ୍ଦ୍ରୀୟ ପୂଜା କମିଟିର ତାଲିକା ଘୋଷଣା

ସେହିପରି ଲକ୍ଷ୍ମୀ ପୂଜାରେ ଷ୍ଟିଲ ଟାଉନଶିପ୍‌ର ସେକ୍ଟର-୧୭ ପ୍ରଥମ, ସେକ୍ଟର-୧୫ ଲକ୍ଷ୍ମୀ ମାର୍କେଟ ଦ୍ୱିତୀୟ ଓ ସେକ୍ଟର-୪ ତୃତୀୟ, ସିଭିଲ ଟାଉନଶିପ୍‌ରେ ଜନତା ବୀଣାପାଣି ଏସ୍‌ଟିଆଇ ପ୍ରଥମ, କଲୁଙ୍ଗା ଦ୍ୱିତୀୟ ଓ ମାଲଗୋଦାମ ତୃତୀୟ, ଫର୍ଟିଲାଇଜର ଟାଉନଶିପ୍‌ରେ ପୂର୍ଣ୍ଣାନନ୍ଦ ମାର୍କେଟ ପ୍ରଥମ, ତାରାପୁର ଲକ୍ଷ୍ମୀପୂଜା ୨ୟ ଓ ଲୋକନାଥ ମାର୍କେଟ ଓ ଦେଓଗାଁ ଧବଳେଶ୍ୱର ମାର୍କେଟ ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି। କାଳୀପୂଜାରେ ଷ୍ଟିଲ ଟାଉନଶିପ୍‌ର ସେକ୍ଟର-୬ ଏଚ୍ ବ୍ଲକ ପ୍ରଥମ, ସେକ୍ଟର-୧୪ ଓ ଇସ୍ପାତ ମାର୍କେଟ ଯୁଗ୍ମ ଦ୍ୱିତୀୟ, ସେକ୍ଟର-୧ ଟିପ୍ ଟାଇପ୍ ମାର୍କେଟ ଓ ସେକ୍ଟର-୧ ଏଚ୍ ବ୍ଲକ ତୃତୀୟ, ସିଭିଲ ଟାଉନଶିପ୍‌ରେ ସେକ୍ଟର ବି ୯ ଷ୍ଟାର ବନ୍ଧମୁଣ୍ଡା ପ୍ରଥମ, ସେକ୍ଟର ସି ବନ୍ଧମୁଣ୍ଡା ଦ୍ୱିତୀୟ ଏବଂ ବିରଜାପାଲି ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଫର୍ଟିଲାଇଜର ଟାଉନଶିପ୍‌ରେ ଇନ୍ଦୁମାର୍କେଟ ପ୍ରଥମ, ଉପର ବାଲିଯୋଡି ୨ୟ ଓ ଦେଓଗାଁ ତୃତୀୟ ସ୍ଥାନରେ ରହିଛି। ଉକ୍ତ ପୂଜା କମିଟିଗୁଡିକୁ ଆସନ୍ତା ଅକ୍ଟୋବର ୧୪ ତାରିଖରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସିପିସି ଉପସଭାପତି ନାରାୟଣ ମହାନ୍ତି, ପ୍ରସନ୍ନ ବଳିଆର ସିଂ, ଯୁଗ୍ମ ସମ୍ପାଦକ ସମରପ୍ରିୟ ତନ୍ତୀ ଓ କୋଷାଧ୍ୟକ୍ଷ ଆଲୋକ ମହାପାତ୍ର, ସହ କାର୍ଯ୍ୟକାରୀ ସଦସ୍ୟ ରାହୁଲ ରାୟ, ମାନସୀ ସରକାର ପ୍ରମୁଖ ସହଯୋଗ କରିଥିଲେ।

## ଗଙ୍ଗାଧରଙ୍କ ଜୀବନାଦର୍ଶ ଆଲୋଚନା

ରାଉରକେଲା,୩।୯ (ଦିନେଶ ମିଶ୍ର)

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଓଡିଆ ବିଭାଗ ଓ ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଡ. ଅଜୟ ମିଶ୍ର ଅତିଥି ଭାବେ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ ଜୀବନାଦର୍ଶ ସମ୍ବନ୍ଧରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ. ବବ୍ରୁବାହାନ ମହାପାତ୍ର ଯୋଗଦେଇ ଗଙ୍ଗାଧରଙ୍କ ଓଡ଼ିଆ ଭାଷା ପ୍ରତି ଅବଦାନ ଉପରେ ମତପ୍ରକାଶ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମୋନାଲିସା ନାୟକ, ପ୍ରଣୟ ବଲ୍ଲରୀ ଉପସ୍ଥିତ ଥିଲେ। ଓଡିଆ ବିଭାଗର ମୁଖ୍ୟ ଡ. ଅପର୍ଣ୍ଣା ଧର ଅତିଥି ପରିଚୟ ଦେଇଥିଲେ। ପୂର୍ବତନ ସମ୍ପାଦକ ସୁଧୀର ସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ପ୍ରକାଶ ପାଢ଼ୀ, ଡ. କିଶୋରୀ ଦାଶ, ପୀତବାସ ପ୍ରଧାନ, ଗୌରୀ ଶଙ୍କର ପ୍ରଧାନ, ଦୀପ୍ତି ରଞ୍ଜନ ମହାନ୍ତି ଓ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସନାତନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଇତିହାସରେ ନବୀନଙ୍କ ମାର୍ଗଦର୍ଶନ ଅତୁଳନୀୟ




କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ରାଉରକେଲା,୩।୯ (ବିପ୍ଳବ ରଞ୍ଜନ ଦାଶ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି, ବିଶିଷ୍ଟ ଐତିହାସିକ ତଥା ପ୍ରଗତି ଉତ୍କଳ ସଂଘର ପୂର୍ବତନ ଉପଦେଷ୍ଟା ଡ. ନବୀନ କୁମାର ସାହୁଙ୍କ ଶ୍ରାଦ୍ଧ ଦିବସ ରାଉରକେଲା ପ୍ରଗତି ଉତ୍କଳ ସଂଘ ପରିସରରେ ରବିବାର ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବିଭୂତି ଭୂଷଣ ପଣ୍ଡା ଓ ଅନ୍ୟତମ ବକ୍ତା ଭାବେ ସଂଘ ଉପସଭାପତି ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ନବୀନଙ୍କ ସଂଘର୍ଷମୟ ଜୀବନୀ ଅନୁଶୀଳନୀ କରିବା ସହିତ ଓଡିଶା ଇତିହାସରେ ତାଙ୍କ ମାର୍ଗଦର୍ଶନ ବିଷୟରେ ଉଲ୍ଲେଖ କରିଥିଲେ। କୃପାସିନ୍ଧୁ ନାୟକ ନବୀନଙ୍କ କୃତିତ୍ୱ ଉପରେ କହିଥିଲେ। ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ ମଞ୍ଚ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ ସମ୍ପାଦକ ଇଂ. ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କବି ଚିତ୍ତରଞ୍ଜନ ବ୍ରହ୍ମା, ଉପେନ୍ଦ୍ର କୁମାର ବସ୍ତିଆ, ସଞ୍ଜୟ କୁମାର, ଅଶୋକ କୁମାର ପଟ୍ଟନାୟକ ସ୍ୱରଚିତ କବିତା ପଠନ କରିଥିଲେ। କବି ସ୍ମିତା ମିଶ୍ର ଏବଂ ବିଜୟିନୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସନ୍ତୀ ପାଠାଗାରର ନୂତନ କର୍ମକର୍ତ୍ତା



ବାସନ୍ତୀ ପାଠାଗାରରେ ଅନୁଷ୍ଠିତ ବୈଠକରେ ନୂତନ କର୍ମକର୍ତ୍ତା।

ରାଉରକେଲା,୩।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାରର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପାଠାଗାର ସଭାପତି ପ୍ରଫେସର ଜେ. କେ. ରାଓଙ୍କ ବିୟୋଗ ଯୋଗୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପାଠାଗାର ସଭାପତି ଭାବେ ଡ. ଶକ୍ତି ପ୍ରସାଦ ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ବିଭୁଦତ୍ତ ବେହେରା, ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ, ସହ ସମ୍ପାଦକ ବସନ୍ତ କୁମାର ମହାରଣା, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାଢୀ, ସାଂସ୍କୃତିକ ସମ୍ପାଦକ ସୁବାଷିନୀ ସାହୁ, ପାଠାଗାର ସମ୍ପାଦକ ଅନିଲ କୁମାର ଦାଶ, କ୍ରୀଡ଼ା ସମ୍ପାଦକ ଗଦାଧର ରଥ, କାର୍ଯ୍ୟକାରୀ ସଭ୍ୟ ଭାବେ କୁଳମଣି ଦାସ, ସରୋଜ ପାତ୍ର, ବିଜୟ କୁମାର ବରାଳ, ସଞ୍ଜୟ କୁମାର ମିଶ୍ର ଏବଂ ଶରତ ସ୍ୱାଇଁ ପ୍ରମୁଖ ରହିଛନ୍ତି। ସଭାରେ ପାଠାଗାରର ଶତାଧିକ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ରୀକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଇଜ୍, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

ରାଉରକେଲା,୩।୯ (ବିପ୍ଳବ ରଞ୍ଜନ ଦାଶ)

ଜଗଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତ ବିକାଶ ପରିଷଦ ରାଉରକେଲା ଶାଖା ପକ୍ଷରୁ ରବିବାର କୁଇଜ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଆର. ସି. ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଭାରତ ବିକାଶ ପରିଷଦ ପକ୍ଷରୁ 'ଭାରତକୁ ଜାଣ' ଶୀର୍ଷକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭାରତର ସଂସ୍କୃତି, ପରମ୍ପରା ଓ ଭୌଗୋଳିକ ସ୍ଥିତି, ଇତିହାସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଦଳଗତ କୁଇଜ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। କନିଷ୍ଠ ଗ୍ରୁପ୍ କୁଇଜରେ ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପ୍ରଥମ, ଇସ୍ପାତ ଇଂରାଜୀ ସ୍କୁଲ, ସେକ୍ଟର-୨୦ ଦ୍ୱିତୀୟ ଓ ସେଣ୍ଟ ପଲ୍ସ ସ୍କୁଲ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି କୁଇଜ ବରିଷ୍ଠ ଗ୍ରୁପ୍‌ରେ ଡିଏଭି ପବ୍ଲିକ ସ୍କୁଲ, ବାସନ୍ତୀ କଲୋନୀ, ସେଣ୍ଟ ପଲ୍ସ ସ୍କୁଲ, ଡିଏଭି ପବ୍ଲିକ ସ୍କୁଲ ଓ ସେକ୍ଟର-୧୬ ଯଥାକ୍ରମେ ୧ମ, ୨ୟ, ୩ୟ ସ୍ଥାନ ହାସଲ କରିଥିଲେ। ଦେଶାତ୍ମବୋଧକ ସଂଗୀତ (ସଂସ୍କୃତ)ରେ ଗୁରୁନାନକ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ପ୍ରଥମ, ପ୍ରଗତି ବିଦ୍ୟା ମନ୍ଦିର, ଜଗଦାର ଛାତ୍ରୀଛାତ୍ର ଦ୍ୱିତୀୟ ଏବଂ ବାଜି ରାଉତ ଶିକ୍ଷା ନିକେତନ ସେକ୍ଟର-୩ ଛାତ୍ରୀଛାତ୍ର ତୃତୀୟ ସ୍ଥାନ ଲାଭ କରିଥିଲେ। ହିନ୍ଦୀ ଦେଶାତ୍ମବୋଧକ ସଙ୍ଗୀତରେ ଗୁରୁନାନକ ପବ୍ଲିକ ସ୍କୁଲ ପ୍ରଥମ, ସେଣ୍ଟ ପଲ୍ସ ସ୍କୁଲ ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜଗଦା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହେବା ସହ ସଫଳତା ହାସଲ କରିଥିବା ଦଳଗୁଡିକ ପରବର୍ତ୍ତୀ ସମୟରେ ଜାତୀୟ ସ୍ତର ପ୍ରତିଯୋଗିତାରେ ସାମିଲ ହେବେ। ରାଉରକେଲା ଶାଖା ସଭାପତି ଅଶୋକ କଙ୍କଡ କାର୍ଯ୍ୟକ୍ରମ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅନୁପମ ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିଥିଲେ।




ପିଲାମାନେ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି।

# ମହିଳା ବିରୋଧୀ ସରକାରକୁ ଗାଦିଚ୍ୟୁତ ଆହ୍ୱାନ




ସିଆଇଟିୟୁ ସର୍ବଭାରତୀୟ କର୍ମଜୀବୀ ମହିଳା ସମନ୍ୱୟ କମିଟି ବୈଠକରେ ମଞ୍ଚାସୀନ ଅତିଥି।

ରାଉରକେଲା,୩।୯

ସିଆଇଟିୟୁ ସର୍ବଭାରତୀୟ କର୍ମଜୀବୀ ମହିଳା ସମନ୍ୱୟ କମିଟି ବୈଠକ ରବିବାର ହୋଟେଲ ରାଧିକା ରିଜେନ୍ସିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ବରିଷ୍ଠ ସଦସ୍ୟା ମାର୍ଶିକୁଟ୍ଟି ଆମ୍ମା ସଭାପତିତ୍ୱ କରିଥିଲେ। ସିଆଇଟିୟୁ ସର୍ବଭାରତୀୟ ସଭାନେତ୍ରୀ ଡ. କେ. ହେମଲତା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ, ୨୦୧୪ରେ କେନ୍ଦ୍ରରେ ନରେନ୍ଦ୍ର ମୋଦି କ୍ଷମତାକୁ ଆସିଲା ପରେ ମହିଳାମାନଙ୍କ ଉପରେ ହିଂସା ବୃଦ୍ଧି ପାଇବାରେ ଲାଗିଛି। ସମଗ୍ର ଦେଶରେ ଦ୍ୱେଷ ଓ ଘୃଣାର ବାତାବରଣ ସୃଷ୍ଟି ହୋଇଛି। ଯେଉଁଥିରେ ମହିଳାମାନେ ଅଧିକ ଶିକାର ହେଉଛନ୍ତି। ନିକଟରେ ଘଟିଥିବା ମଣିପୁର ଘଟଣା ଏହାର ଉଦାହରଣ। ଜାତୀୟ କ୍ରାଇମ୍ ବ୍ୟୁରୋ ତଥ୍ୟ ଅନୁସାରେ ଆମ ଦେଶରେ ୮୭ ଲକ୍ଷ ୭୦ ହଜାର ମହିଳା ଓ ବାଳିକା ନିଖୋଜ ଅଛନ୍ତି। ଦେଶର ସୁନାମ ଅର୍ଜନ କରିଥିବା ମହିଳା କୁସ୍ତିଯୋଧାମାନେ ମଧ୍ୟ ନିର୍ଯାତନାରୁ ବାଦ୍ ପଡିନାହାନ୍ତି।

### ସିଆଇଟିୟୁ ଜାତୀୟ କର୍ମଜୀବୀ ମହିଳା ସମନ୍ୱୟ କମିଟି ବୈଠକ

ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶଛୁଆଁ ଦରବୃଦ୍ଧି ଯୋଗୁ ମହିଳାମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କରୋନା ପରବର୍ତ୍ତୀ ଅବସ୍ଥାରେ ନିଯୁକ୍ତି ହୀନତା ବ୍ୟାପକ ଭାବେ ବୃଦ୍ଧି ପାଇଛି। ୧୫ରୁ ୨୯ ବର୍ଷ ବୟସର ବେକାରମାନଙ୍କ ସଂଖ୍ୟା ଗତ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୧୭.୦୩ ପ୍ରତିଶତ ବୃଦ୍ଧି ପାଇଛି। ସମସ୍ତ ରାଷ୍ଟ୍ରାୟତ ଉଦ୍ୟୋଗକୁ ଘରୋଇକରଣ କରିବା ଯୋଗୁ ଏହି ଅବସ୍ଥା ଆହୁରି ସଙ୍କଟାପନ୍ନ ହୋଇଛି ବୋଲି ହେମଲତା କହିଥିଲେ। ବଡ଼ ବଡ଼ କର୍ପୋରେଟମାନଙ୍କ ଠାରୁ ସମ୍ପତ୍ତି କର ଆଦାୟ ନ କରି ମୋଦି ସରକାର ସାଧାରଣ ଲୋକଙ୍କ ଉପରେ ଟିକସ ବୋଝ ଲଦି ଦେଉଛନ୍ତି। ସ୍କିମ ଶ୍ରମିକ, ଠିକା ଶ୍ରମିକ ଓ ଆଉଟ୍ ସୋର୍ସିଂ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା ନ ଦେଇ ସ୍ୱଳ୍ପ ଦରମାରେ କାମ କରିବାକୁ ବାଧ କରାଯାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଏସବୁକୁ ନେଇ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ସିଆଇଟିୟୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତପନ ସେନ୍, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଜାତୀୟ ସମ୍ପାଦକ ପି. ଭି. ସିନ୍ଧୁ, ମଧୁମିତା ବାନାର୍ଜୀ, ଉଷାରାଣୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବୈଠକରେ ୨୩ଟି ରାଜ୍ୟରୁ ଶତାଧିକ ମହିଳା ନେତୃତ୍ୱ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ମେଘପାଳ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

**ପଡିଆବାହାଲ,୩।୯(ରାଧାମୋହନ ଷଡଙ୍ଗୀ):** ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ମେଘପାଳ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ମମତା ପ୍ରଧାନ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ । ସିମିତି ସଭ୍ୟା ଲିଲିମା ଧୁରୁଆ, ସମବାୟ ସଂପାଦକ ସୁନିଲ କୁମାର ପ୍ରଧାନ, ମାନଧାତା ଲୁହା, ତରୁଣ ବେହେରା, ପବିତ୍ର ମିର୍ଦ୍ଧା, ଦେବେନ୍ଦ୍ର ସାହୁ, ବୁଲା ପ୍ରଧାନ, ରାଜକିଶୋର ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହିଥିଲେ। ଛାମୁଣ୍ଡା ଓ ମେଘପାଳ ଏହି ୨ ପଞ୍ଚାୟତ ଉକ୍ତ ସମବାୟ ସମିତି ଅଧୀନରେ କାମ କରିବ ଓ ଉଭୟ ପଞ୍ଚାୟତର ଚାଷୀମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି ନବ ନିଯୁକ୍ତ ସମ୍ପାଦକ ସୁନିଲ କୁମାର ପ୍ରଧାନ କହିଛନ୍ତି।

### ସେପ୍ଟେମ୍ବର ମାସର ଜନଶୁଣାଣି ଶିବିର ନେଇ ସୂଚନା

**ସମ୍ବଲପୁର,୩।୯(ବି.ଶଙ୍କର):** ସମ୍ବଲପୁର ଜିଲାରେ ଜିଲାପାଳ ଓ ଏସ୍‌ପିଙ୍କ ସେପ୍ଟେମ୍ବର ମାସରେ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ସକାଶେ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ପ୍ରଥମ ସୋମବାର ୪ ତାରିଖ ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ, ଦ୍ୱିତୀୟ ସୋମବାର ୧୧ ତାରିଖ ଜମନକିରା ବ୍ଲକ କାର୍ଯ୍ୟାଳୟ, ତୃତୀୟ ସୋମବାର ୧୮ ତାରିଖ ବାମରା ବ୍ଲକ କାର୍ଯ୍ୟାଳୟ ଏବଂ ଚତୁର୍ଥ ସୋମବାର ୨୫ ତାରିଖ ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ଜନଶୁଣାଣି ହେବ । ସମ୍ପୃକ୍ତ ଜନଶୁଣାଣି ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତି ରହିବେ । ଜନଶୁଣାଣି ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ । ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି ।

### ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ

**ଜମନକିରା,୩।୯(ରବୀନ୍ଦ୍ର ପ୍ରସାଦ ଦାନୀ):** ଜମନକିରା ବ୍ଲକ କେନାଡିପା ପଞ୍ଚାୟତ ବିଜାଗୁଡାଠାରେ ରବିବାର ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଦ୍ୱାରା ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ଜିଲା ପରିଷଦ ସଭ୍ୟା ତନୟା ଧୁରୁଆ, ସରପଞ୍ଚ କଲ୍ୟାଣୀ ନାଏକ, ସମିତି ସଭ୍ୟା ଶାନ୍ତି ଧୁରୁଆ ଯୋଗ ଦେଇଥିଲେ। ଏହାଛଡା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଏସଡିଓ ରଞ୍ଜନ କୁମାର ଶତପଥୀ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ରଞ୍ଜନ ଚୌଧୁରୀ, କନିଷ୍ଠ ଯନ୍ତ୍ରୀ କ୍ରିଷ୍ଣଚନ୍ଦ୍ର ପ୍ରଧାନ, ଜ୍ଞାନସ୍ୱରୂପା ବାଡା ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପାଇଁ ୧୨୭ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ପ୍ରକଳ୍ପ ଦ୍ୱାରା ଜମନକିରା ବ୍ଲକର ୧୭ ପଞ୍ଚାୟତ, କୁଚିଣ୍ଡା ବ୍ଲକର ୪ ଏବଂ ରେଙ୍ଗାଲି ବ୍ଲକର ୩ଟି ପଞ୍ଚାୟତର ଲୋକେ ସୁବିଧା ପାଇବେ। ଏହି ପାଣି ଇବ୍ ନଦୀରୁ ଯୋଗାଣ ହେବାକୁ ଥିବା ବେଳେ ଘରକୁ ଘର ଜଳ ଜଳଯୋଗାଣ ହେବ। ଭିତ୍ତିପ୍ରସ୍ତର ସ୍ଥାପନ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ଶିକ୍ଷା ହିଁ ସମାଜ ଗଠନର ଆଲୋକବର୍ତ୍ତିକା

### ଭୀମ ଭୋଇ କଲେଜ ପ୍ରତିଷ୍ଠା ଦିବସ

**ରେଢାଖୋଲ,୩।୯ (ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ଭୀମଭୋଇ କଲେଜ ର ତ୍ରିଂଶତମ ପ୍ରତିଷ୍ଠା ଦିବସ ଓ ଭୀମଭୋଇ ସ୍ମାରକୀ ବକ୍ତୃତାମାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା କଲେଜ ପରିଚାଳନା କମିଟିର ସଭାପତି ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସମାରୋହରେ ରେଢାଖୋଲ ବିଧାୟକ ଇଂ ରୋହିତ ପୁଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ସମାଜ ଗଠନର ଆଲୋକ ବର୍ତ୍ତିକା ଓ ସେ ଶିକ୍ଷାର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟିତ ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରାଧ୍ୟାପକ ବେଣୁଧର ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସନ୍ଥକବି ଭୀମଭୋଇଙ୍କୁ ବିଶ୍ୱ ସାହିତ୍ୟର ବିସ୍ମୟ



ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

ବୋଲି କହିବା ସହ ତାଙ୍କର ସାଧନା ଓ ସିଦ୍ଧି କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ ଡ. ମନୋରଞ୍ଜନ ମହନ୍ତ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପିକା ମମତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ରବିବାର ... ମଶାଲ ଆଣିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଗତ ଶିକ୍ଷାବର୍ଷର କଲେଜର ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଜୟଶ୍ରୀ ପ୍ରଧାନ,ଅଭିପସ୍ୟା ପ୍ରଧାନ, ଶୋହନ ସୁନ୍ଦର ସାହୁ ,ସନ୍ତୋଷ୍ମିତା ବିଶ୍ୱାଳ ଓ ଟୁକୁନ .ନାଏକଙ୍କୁ ସୁବୋଧ ଦାଶ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତଷ୍ଠା ଦିବସ ଅବସରରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ,ପୁରାତନ ଛାତ୍ରୀ ଛାତ୍ର ,ଅଧ୍ୟାପିକା ,ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ।

# ବୁର୍ଲାବାସୀଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ ଦାବି

### ଏସ୍‌ଏମ୍‌ସିର ବେଆଇନ ଉଚ୍ଛେଦ

**ସମ୍ବଲପୁର,୩।୯( ଶୁଭାଶିଷ ପାଢୀ)**

ବୁର୍ଲା ସହରବାସୀଙ୍କୁ ସ୍ଥାୟୀ ଜମି ପଟ୍ଟା ଦେବା ପାଇଁ ସଚେତନ ନାଗରିକମାନେ ଦାବି କରିଛନ୍ତି। ୭୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବସବାସ କରୁଥିବା ନାଗରିକଙ୍କୁ ପଟ୍ଟା ଦେବା ବଦଳରେ ବେଆଇନ ଭାବେ ଏସଏମସି ପକ୍ଷରୁ ଉଚ୍ଛେଦ କରାଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବି ପ୍ରଶାସନ ମାନୁନାହିଁ। ହାଇକୋର୍ଟ ନିର୍ଦ୍ଦେଶର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଯାହାକୁ ନେଇ ଅଦାଲତ ଅବମାନନା ମାମଲା ମଧ୍ୟ ଦାୟର କରାଯାଇଛି। ଜିଲାପାଳ ଓ କମିଶନର ପକ୍ଷଭୁକ୍ତ ହୋଇଛନ୍ତି। ବିକାଶ ନାମରେ ଶହ ଶହ ଘର ଓ ଦୋକାନ ଉଚ୍ଛେଦ କରାଯାଇଛି। ଯାହାକୁ ନେଇ ବୁର୍ଲା ନାଗରିକ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ନିନ୍ଦା କରାଯାଇଛି। ଏହି ବୈଠକରେ ଆଇନଜୀବୀ ଦୁର୍ଗା ପାଢୀ, ଅରୁଣ କୁମାର, ଆଇନଜୀବୀ ଗୋପାଲ ଲାଲ, ଆଇନଜୀବୀ ହୃଷୀକେଶ ସ୍ୱାଇଁ, ଆଇନଜୀବୀ ପ୍ରଶାନ୍ତ ପାଢ଼ୀ, ଅଶ୍ୱିନୀ ପଣ୍ଡା, ବୁଲୁ ବଡ଼ପଣ୍ଡା, କାଳିଦାସ ପଟେଲ, ଶିବରାମ ପଣ୍ଡା, ସୁରେଶ ପଣ୍ଡା, ଅନିଲ ତୁଲି, ଡ ରବୀନ୍ଦ୍ର ପ୍ରଧାନ, ଆର ଏ ଶିବକୁମାର, କିଶୋର ସାହା, ଦଶରଥ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ପୂର୍ବରୁ ୧୭ ଜଣ ପଟ୍ଟା ପାଇଥିଲେ। ସଚିବାଳୟ ପ୍ରକୋଷ୍ଠରେ ବୁର୍ଲା ଜମି ବନ୍ଦୋବସ୍ତ ନେଇ ବାରମ୍ବାର ସମୀକ୍ଷା ବୈଠକ ହୋଇଥିଲା। ବିଭିନ୍ନ ସମୟରେ ବୁର୍ଲା ନାଗରିକ କମିଟି ଦାବିପତ୍ର ଦେଇଛି। ଦାବି ପୂରଣ ପ୍ରତିଶ୍ରୁତିରେ ରହିଯାଇଛି। ସରକାର ଓ ପ୍ରଶାସନର ଏ ପ୍ରକାର ଉଦାସୀନତାକୁ କମିଟି ଘୋର ନିନ୍ଦା କରିଛି। ବୁର୍ଲାରେ ବେଆଇନ ଉଚ୍ଛେଦ ବନ୍ଦ କରାଯାଉ। ରାସ୍ତା ଘାଟ, ପିଇବା ପାଣି , ସଫେଇ ଭଳି ମୌଳିକ ସୁବିଧା ପାଇବାରେ ହେଉଥିବା ସମସ୍ୟା ଦୂର କରାଯାଉ ବୋଲି ଦାବି ହୋଇଛି।

# ଡିଙ୍ଗିରାପଡ଼ାରେ ସିଆର୍‌ପିଏଫ୍ ଯବାନଙ୍କୁ ସମ୍ବର୍ଦ୍ଧନା


ରବିବାର ସମ୍ବଲପୁର ଗିଙ୍ଗିରାପଡାଠାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ।

**ସମ୍ବଲପୁର,୩।୯(ବି.ଶଙ୍କର)**

ସିଆରପିଏଫରେ ୨୦ବର୍ଷ ଧରି କାର୍ଯ୍ୟ କରି ଚାକିରିରୁ ଅବସର ନେଇ ଘରକୁ ଫେରିଛନ୍ତି ଯବାନ ବ୍ରହ୍ମାନନ୍ଦ ରାଉତ । ଏହି ପରିପ୍ରେକ୍ଷୀରେ ରବିବାର ତାଙ୍କୁ ତାଙ୍କ ଜନ୍ମମାଟି ବଡବଜାର ଗିଙ୍ଗିରାପଡାଠାରେ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ସେ ତାଙ୍କ ଚାକିରି କାଳରେ ଦେଶ ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ସଫଳତା ସହ କାର୍ଯ୍ୟ କରିଛନ୍ତି । ତେଣୁ ତାଙ୍କୁ ବାଜା ବଜାଇ ଏକ ଭବ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ଏଥିସହ ପୁଷ୍ପଗୁଚ୍ଛ ଓ ଉପଢୋକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ରହ୍ମାନନ୍ଦ ମଧ୍ୟ ନିଜ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିବା ସହ ଆର୍ଶୀବାଦ ନେଇଥିଲେ । ଏଥିସହ ଆଗକୁ ନିଜ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ସେ ପ୍ରୟାସ କରିବେ ବୋଲି କହିଛନ୍ତି । ଗିଙ୍ଗିରାପଡାଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅରୁଣ ଦେଓ, ଗୌତମ ଦାସ, ଉତ୍ତମ ବିନ୍ଧାଣି, ପି. ଦେଓ, ବସନ୍ତ ସାହୁ, ବିଶ୍ୱନାଥ ସେଟ, ମାର୍କଣ୍ଡ ନାଗ ଏବଂ ପଡାବାସୀ ଉପସ୍ଥିତ ରହିଥିଲେ ।

### ରୋଟାଭେଟରରେ କଟି ଡ୍ରାଇଭର ମୃତ

**ନାକଟିଦେଉଳ,୩।୯(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ କେଲୋ ଗ୍ରାମରେ ଜମିରେ ଚାଷ କରୁଥିବା ବେଳେ ରୋଟାଭେଟର ମେଶିନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୁଣ୍ଡରୁ ଗଣ୍ଡି ଅଲଗା ହୋଇଯାଇଛି । ମୃତକ ଜମନକିରା ଥାନା କୁତବ ଗ୍ରାମର ଗୋପାଳ ସାଏ। ମିଳିଥିବା ସୁଚନା ଅନୁସାରେ ଗୋପାଳ ଗ୍ରାମ ନିକଟ ରଙ୍ଗିଆଖଣ୍ଡି ଗ୍ରାମରେ ଥିବା ନିଜ ଶ୍ୱଶୁର ଘରକୁ ଆସି ଗତ କିଛି ମାସ ହେଲା ରହିବା ସହ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ରବିବାର ସେ ବଞ୍ଚାଗୋଳା ଗ୍ରାମର ଶରତ କୁମାର ସାହୁଙ୍କ ରୋଟାଭେଟର ମେଶିନ ଧରି କେଲୋ ଗ୍ରାମ ମୁଣ୍ଡରେ ଜମିରେ ହଳ କରୁଥିଲେ। ଅସାବଧାନତା ବଶତଃ ଖସି ପଡ଼ିବାରୁ ସେ ମେଶିନରେ ଚାପି ହୋଇ କଟି ଯାଇଥିଲେ। ଖବର ପାଇ କିସିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା(୩୪/୨୩)ରୁଜୁ କରିଛି ।

# ଦାନ୍ତ ରୋଗ ନିରାକରଣ ଉପରେ କର୍ମଶାଳା


କର୍ମଶାଳାରେ ପ୍ରଶିକ୍ଷକ, ଛାତ୍ରୀଛାତ୍ର ।

**ସମ୍ବଲପୁର,୩।୯(ବି.ଶଙ୍କର)**

ଦାନ୍ତ ରୋଗର ନିରାକରଣ ଓ ସାବଧାନତା ଶୀର୍ଷକ କର୍ମଶାଳା ରବିବାର ସମ୍ବଲପୁର ସାର୍ବଜନିନ ଗ୍ରନ୍ଥାଗାର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ଦୁର୍ଗାପ୍ରସାଦ ଶତପଥୀ ଯୋଗଦେଇ ଦାନ୍ତ ରୋଗର ନିରାକରଣ ଓ ସାବଧାନତା ଉପରେ ଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ । ଦୈନନ୍ଦିନ ଜୀବନରେ ଦାନ୍ତର କିପରି ଉପଯୁକ୍ତ ଯତ୍ନ ନେଇ ଆମେ ସୁସ୍ଥ ରହିବା ସେନେଇ ବିଶଦ ଭାବେ ଆଲୋଚନା କରିଥିଲେ । ସେହିପରି ଡ. ଗିରିଧାରୀ ହୋତା ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ପ୍ରଶ୍ନୋତ୍ତର ମାଧ୍ୟମରେ ବୁଝାଇଥିଲେ । ଗ୍ରନ୍ଥାଗାର ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ବରିଷ୍ଠ ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ପ୍ରଫେସର ମୁରଲୀ ପ୍ରେମ ନାଥ ନାୟକ, ଶିବ ଶଙ୍କର ଷଡ଼ଙ୍ଗୀ, ଉଦିତ ଚନ୍ଦ୍ର ପାଟଯୋଶୀ, ଡାକ୍ତର ଜୟଦେବ ମେହେର, ସମ୍ପାଦକ ରଘୁନାଥ ମିଶ୍ର, ରାଜେନ୍ଦ୍ର ପଣ୍ଡା, ଡ. ରବିନାରାୟଣ ମିଶ୍ର, ଗୋଲୋକ ବିହାରୀ ମିଶ୍ର, ଅଭିନନ୍ଦନ ତ୍ରିପାଠୀ, ସୁନନ୍ଦା ପଧାନ, ବିଜୟ ସାହୁ, ମୋହିତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ ।

# ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସମ୍ବଲପୁର,୩।୯(ବି.ଶଙ୍କର)**

ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ସମ୍ବଲପୁର ବୀରସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଉଦ୍‌ଯାପିତ ହୋଇଯାଇଛି । ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା. କୃଷ୍ଣକେଶବ ଷଡଙ୍ଗୀ ପ୍ରବକ୍ତା ଭାବେ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଦାରୁ ବ୍ରହ୍ମସ୍ୱରୂପରେ ଆଶ୍ରିତ ଭକ୍ତମାନଙ୍କୁ ମୁକ୍ତି ପ୍ରଦାନ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ସେ ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହ ଧାରଣର ଶାସ୍ତ୍ରୀୟ ପ୍ରମାଣ ସହ ଲୋକମତର ବିସ୍ତୃତ ଅବତାରଣା କରିଥିଲେ। ଜଗତ ହିତ ନିମନ୍ତେ ଶ୍ରୀଜଗନ୍ନାଥ ଦାରୁ ଶରୀର ଧାରଣ କରିଥିବା ଯଥାର୍ଥ ବୋଲି ଡା. ଷଡଙ୍ଗୀ ବିଭିନ୍ନ ଗ୍ରନ୍ଥ ଓ ମତର ପ୍ରମାଣ ସହ ଆଲୋଚନା କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗରାଜୁ ସମ୍ମାନିତ ଅତିଥି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଡା.ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର, ପ୍ରଫେସର କାମଦେବ ସାହୁ, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ମୀନକେତନ ପାଠୀ, ପ୍ରଫେସର ପ୍ରଦୀପ ପଣ୍ଡା, ପ୍ରାଧ୍ୟାପିକା ଶ୍ରୀଲତା ମିଶ୍ର, ପ୍ରାଧ୍ୟାପକ ଡ.ଶ୍ୟାମସୁନ୍ଦର ଧର, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଡ. ଗିରିଧାରୀ ହୋତା, ଅବସରପ୍ରାପ୍ତ ଜିଲାଜଜ୍ ଶ୍ୟାମସୁନ୍ଦର ମିଶ୍ର, ଡା.ସୁରେନ୍ଦ୍ର ପଣ୍ଡା, ଡା. ଦୁର୍ଗାଶଙ୍କର ଶତପଥୀ, ଡା. ଜୟଦେବ ମେହେର ପ୍ରମୁଖ ନିମନ୍ତ୍ରିତ ଅତିଥି ଥିଲେ । ସମ୍ବଲପୁର ମହାନଗର ନିଗମ ଅଞ୍ଚଳରୁ ବୁଦ୍ଧିଜୀବୀ, ଶିକ୍ଷାବିତ, ଗବେଷକ, ଲେଖକ ଓ କବିମାନେ ଯୋଗଦେଇ କଥାମୃତ ଶ୍ରବଣ କରିଥିଲେ । ଆୟୋଜକ ସ୍ୱୀକାର ସଂପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୧ ତାରିଖରୁ କାର୍ଯ୍ୟକ୍ରମ ହୋଇଥିଲା ।

### ପୂର୍ବତନ ମନ୍ତ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ଜୟନ୍ତୀ

**ସମ୍ବଲପୁର,୩।୯(ବି.ଶଙ୍କର)**

ପୂର୍ବତନ ମନ୍ତ୍ରୀ ତଥା ଲୋକସଭା ସଦସ୍ୟ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ୮୩ତମ ଜୟନ୍ତୀ ସମ୍ବଲପୁର ଜିଲା ବରଗାଁ ଗ୍ରାମସ୍ଥିତ ବୀର ସୁରେନ୍ଦ୍ର ସାଏ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ପୂଜାରୀ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଭାଷଚନ୍ଦ୍ର ପାଣିଗ୍ରାହୀ ସଭାରେ କହିଥିଲେ ଯେ, ଶ୍ରୀବଲ୍ଲଭଙ୍କ କର୍ମମୟ ଜୀବନ ଏବଂ ସମାଜ ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ। ସେ ସ୍କୁଲ ପଢ଼ିବା ସମୟରୁ ମେଧାବୀ ଛାତ୍ର ଥିଲେ। ଜୀବନବ୍ୟାପୀ ଦେଶସେବାରେ ରହିଥିଲେ। ଜୀବନରେ ନୀତି ଓ ଆଦର୍ଶ ନେଇ କେବେ ସାଲିସ କରି ନ ଥିଲେ। ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆଦର୍ଶକୁ ଅନୁସରଣ କରି ସରଳ ଓ ନିରହଙ୍କରୀ ଜୀବନଯାପନ କରୁଥିଲେ। ସେହିପରି ଶ୍ରମିକନେତା ଭାବରେ ଅନେକ ଜନହିତକର କାର୍ଯ୍ୟ କରିଛନ୍ତି। ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଶିକ୍ଷାର ପ୍ରସାର ପାଇଁ ସେ ଉଦ୍ୟମ କରିଥିଲେ।

# ଗଙ୍ଗାଧରଙ୍କ ସାହିତ୍ୟରେ ଥିଲା ସମାଜ ସଂସ୍କାର ବାର୍ତ୍ତା

**ନାକଟିଦେଉଳ,୩।୯(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସ୍ନାତକ ମହାବିଦ୍ୟାଳୟ ପରିସରରେ ରବିବାର ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦ ସଭାପତି ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ମୁଖ୍ୟବକ୍ତାଭାବେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ପ୍ରାଧ୍ୟାପକ ଅଖିଳ କୁମାର ବିଶ୍ୱାଳ ଯୋଗଦେଇଥିଲେ। ମୁଖ୍ୟବକ୍ତା ବିଶ୍ୱାଳ ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତି କାବ୍ୟ ରଚନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥି ସହ ମେହେର ସାହିତ୍ୟରେ ସମାଜ ସଂସ୍କାର


ଗଙ୍ଗାଧର ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ଏବଂ ସମାଜସେବା ପ୍ରସ୍ଫୁଟିତ ହୋଇଥିଲା ବୋଲି ଅଭିହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ରମାକାନ୍ତ ମହନନ୍ଦ ଏବଂ ମହାବୀର ସିଂଦେଓ ପ୍ରମୁଖ ଯୋଗଦେଇ ସ୍ୱଭାବ କବିଙ୍କର ସାହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନାକଟିଦେଉଳ ଅଞ୍ଚଳର କବି ହରିହର ସାହୁଙ୍କ ଦ୍ୱାରା ରଚିତ ପୁସ୍ତକ ହରି ଅଜାଙ୍କ କୁହୁକ ମଣି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ ରେଢାଖୋଲ ବ୍ଲକ କଦଳୀଗଡ଼ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅର୍ଜ୍ଜୁନ ପ୍ରଧାନଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼,ଉଦୟନାଥ ଗଡ଼ନାୟକ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ସଭା ପରିଚାଳନା କରିଥିଲେ। କବୟିତ୍ରୀ ଗୀତାରାଣୀ ସାହୁଙ୍କ ସଂଯୋଜନାରେ ଏକ କବିତା ଆବୃତ୍ତି ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼.ଦୀପେନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରତିଯୋଗିତା

**ସମ୍ବଲପୁର,୩।୯( ଶୁଭାଶିଷ ପାଢୀ)**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲା ଆଇନ ସେବା ପ୍ରାଧିକରଣର ବିକଳ୍ପ ବିବାଦ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଝାରସୁଗୁଡ଼ା ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଆଇନ ସାକ୍ଷରତା କ୍ଲବଗୁଡିକର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବିତର୍କ, ଚିତ୍ରାଙ୍କନ, ବ୍ୟଙ୍ଗ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦିଗାମ୍ବର




ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପରିବାର ଅଦାଲତର ବିଚାରପତି ସତ୍ୟବ୍ରତ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିତ୍ତରଞ୍ଜନ ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍.ଆର୍) ଜୀବନାନନ୍ଦ ପାଢୀ, କନିଷ୍ଠ ଦେୱାନୀ ବିଚାରପତି ରୋଶନୀବାଳା ସେନାପତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲମ୍ବୋଦର ବୁଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିତର୍କ ପ୍ରତିଯୋଗିତାକୁ ସିଭିଲ କୋର୍ଟ ରେଜିଷ୍ଟ୍ରାର ମଳୟ କୁମାର ପ୍ରଧାନ, ଡେପୁଟି କଲେକ୍ଟର (ଜୁଡିସିଆଲ) ସୂଚିତା ପୁଷ୍ପା ମୂଲ୍ୟାଙ୍କନ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାକୁ ଡି.ଏଫ୍.ଓ ମନୁ ଅଶୋକ ଭଟ, ସାମାଜିକ କର୍ମୀ ବିବେକାନନ୍ଦ ମିଶ୍ର ମୂଲ୍ୟାଙ୍କନ କରିଥିଲେ । ପ୍ରବନ୍ଧ ଲିଖନ ପ୍ରତିଯୋଗିତାକୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ଶ୍ରୀମୟୀ ନନ୍ଦ, ସାଲେଗ୍ରାମ ଶକୁନିଆ ମହାବିଦ୍ୟାଳୟର ଅଧ୍ୟାପକ ରାଜ କୁମାର ପଟେଲ ମୂଲ୍ୟାଙ୍କନ କରିଥିଲେ । ସେହିପରି ବ୍ୟଙ୍ଗ ନାଟକ ପ୍ରତିଯୋଗିତାକୁ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁଶ୍ରୀ ନେହା ଦାସ, କଳାକାର ନୃପମଣି ମେହେର ଓ ପ୍ରସନ୍ନ ପଣ୍ଡା ,ଆଇନ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିନୟ କୁମାର ଶର୍ମା ମୂଲ୍ୟାଙ୍କନ କରିଥିଲେ । ସୁରଭି ସାହୁ, ପିୟୁଷ ରଞ୍ଜନ ସ୍ୱାଇଁ, ଫାତିମା ଜଲାଲ, ପ୍ରତୀକ କାଣ୍ଡୁଲନା, ଅମନ ବାରଭିଆ ଟିନା ଦୀପ, ଶ୍ରୁଷ୍ଟି ସିଂହ,ଅର୍ପିତା ରାଏ,ଝରଣା ଭୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ । ବ୍ୟଙ୍ଗନାଟକ ପ୍ରତିଯୋଗିତାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଡ଼ମାଲ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡ଼ା ଦ୍ୱିତୀୟ ଓ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ସମାସିଂହା ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ବସ୍ତି ପିଲାଙ୍କୁ ମାଗଣା ଶିକ୍ଷାଦାନ

**ସମ୍ବଲପୁର,୩।୯(ବି.ଶଙ୍କର)**

ବସ୍ତି ପିଲାଙ୍କୁ ଶିକ୍ଷାର ଆବଶ୍ୟକତା ନିହାତି ଜରୁରୀ । ବିନା ଶିକ୍ଷାରେ ଆଜିର ସମାଜରେ ବଞ୍ଚିବା କଷ୍ଟସାଧ୍ୟ । ଶିକ୍ଷା କେବଳ ମଣିଷକୁ ରୋଜଗାର ଯୋଗାଇ ନ ଥାଏ ବରଂ ମାନବିକତାର ଦିଗଦର୍ଶନ ଦେବାରେ ସହାୟକ ହୋଇଥାଏ । ଶିକ୍ଷାର ଉପାଦେୟତାକୁ ପାଥେୟ କରି ସାଲିଆବଗିଚା ପଡ଼ାର ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପିଲାମାନଙ୍କୁ ମାଗଣା ଶିକ୍ଷାଦାନ ବ୍ୟବସ୍ଥା କରିବାକୁ ପଡ଼ାର ଶୁଭାଶିଷ ସରକାରଙ୍କ ନେତୃତ୍ୱରେ ରବିବାର ସରସ୍ୱତୀ ମାଗଣା ଶିକ୍ଷାକେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି । ବସ୍ତିର ଯେଉଁ ପିଲାମାନେ ଟିଉସନ ହୋଇ ନ ପାରି ଏଣେତେଣେ ବୁଲି ସମୟ ନଷ୍ଟ କରୁଛନ୍ତି , ସେମାନଙ୍କୁ ଉକ୍ତ କେନ୍ଦ୍ରରେ ଶିକ୍ଷା ଦେବା ସହ ଏକ ଉତ୍ତମ ମନୁଷ୍ୟ ଭାବେ ଗଢି ତୋଳିବା ହିଁ ଅନୁଷ୍ଠାନର ମୂଳଲକ୍ଷ୍ୟ ରହିଛି । ଲାୟନ୍ସ କ୍ଲବର ସାଧାରଣ ସମ୍ପାଦକ ମନୋଜ ସିଂଘାଣିଆ, ଜିଲା ସାମାଜିକ


ରବିବାର ସମ୍ବଲପୁର ସାଲିଆ ବଗିଚାରେ ମାଗଣା ଶିକ୍ଷାଦାନ କେନ୍ଦ୍ର ଶୁଭାରମ୍ଭ ଅବସରରେ ଅତିଥିମାନେ ।

ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ସାମାଜିକ କର୍ମୀ ଅଶ୍ୱିନୀ କୁମାର ପାଢ଼ୀ, ଧର୍ମେନ୍ଦ୍ର ପଟ୍ଟନାୟକ , କଳାକାର କୃଷ୍ଣଚନ୍ଦ୍ର ବାଗ ଏବଂ କିସର ଜିଲା ସଂଯୋଜକ ଆକାଶ ବିଶ୍ୱକର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବସ୍ତିର କୁନି ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ, ଶିକ୍ଷୟିତ୍ରୀ ଓ ବସ୍ତି ବାସିନ୍ଦା ସଂଘର ସଭାପତି ଆନନ୍ଦିନୀ ପାଢ଼ୀ, ସମ୍ପାଦକ ରୁନୁ ମେହେର ଯୋଗଦେଇ ଗୁଣାତ୍ମକ ଶିକ୍ଷାଠାରୁ ଆରମ୍ଭ କରି ଆଧ୍ୟାତ୍ମିକ ଶିକ୍ଷା, ନାଚ, ଗୀତ ସହ ସମାଜରେ ଛାତ୍ରୀଛାତ୍ରଙ୍କ ଭୂମିକା ବିଷୟରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଅନୁଷ୍ଠାନର ସୁବାଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭବାନୀପାଟଣାରେ ସେକ୍ସ ର୍ୟାକେଟ ଠାବ

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାରେ ସହରର ରାମନଗର ପଡ଼ାରୁ ରବିବାର ରାତିରେ ଏକ ସେକ୍ସ ର୍ୟାକେଟ ଠାବ ହୋଇଥିବା ଜଣାପଡିଛି। ସେଠାରୁ ୨ଜଣ ଦେହ ଯିବିଙ୍କ ସମେତ ଜଣେ ଦଲାଲଙ୍କୁ ସ୍ଥାନୀୟ ପୋଲିସ ଉଠାଇ ଆଣି ଥାନରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ସେଠାରେ ସେକ୍ସ ର୍ୟାକେଟ ଚାଲିଥିବା ସୂଚନା ପାଇ ସ୍ଥାନୀୟ ପୋଲିସ ଚଢ଼ାଉ କରିଥିଲା। ଧରାପଡିଥିବା ୨ ଯୁବତୀ ପଶ୍ଚିମବଙ୍ଗର ବୋଲି ଜଣାପଡିଛି। ଅନ୍ୟପକ୍ଷରେ ବର୍ତ୍ତମାନ ତଦନ୍ତ ଜାରି ରହିଥିବା ସୂଚନା ଦେଇଛି ସ୍ଥାନୀୟ ପୋଲିସ।

## ସଂକ୍ଷେପରେ

### କ୍ରୀଡ଼ା ଶିକ୍ଷକ ଦ୍ୱୟଙ୍କୁ ଅସରକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଳ,୩।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ହାଇସ୍କୁଲରେ ଜିଲା କ୍ରୀଡା ଶିକ୍ଷକ ସଂଘ ପକ୍ଷରୁ କ୍ରୀଡା ଶିକ୍ଷକ ଦ୍ୱୟଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା କ୍ରୀଡା ଶିକ୍ଷକ ସଂଘ ସଭାପତି ରାଜକପୁର ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ଅବସର ଗ୍ରହଣ କରୁଥିବା ପିଇଟି ଦ୍ୱୟ ଯଦୁନାଥ ସରାଫ ଓ ପୂର୍ଣ୍ଣଚନ୍ଦ୍ର ବେହେରା, ଖଡ଼ିଆଳ ରାଜାଏଟି ହାଇସ୍କୁଲ କ୍ରୀଡା ଶିକ୍ଷକ ରତନ ସିଂ ବାରିକ, ସନ୍ତୋଷ କଠାର ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିମାନଙ୍କୁ ପିଇଟି ଦମୟନ୍ତୀ ପଟେଲ, ସତୀସ୍ୱାଗତିକା ବୁଡେକ, କୁନ୍ତଳିନି ସାହୁ ଓ ସୌଭାଗ୍ୟ ସିଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅତିଥିମାନେ ଅସରଗ୍ରହଣ କରିଥିବା ସରାଫ ଓ ବେହେରାଙ୍କ ଜୀବନୀ ଓ କ୍ରୀଡା ଉପରେ ରଖିଥିବା ରୁଚି ଉପରେ ଆଲୋଚନା କରିଥିଲେ। ସଭାରେ ପିଇଟି ପ୍ରଶାନ୍ତ ପ୍ରଧାନୀ, ଧନଞ୍ଜୟ ଦଣ୍ଡସେନା, ଭଗବାନ ପଣ୍ଡା, ଧନଞ୍ଜୟ ବୈଠାରୁଙ୍କ ସମେତ ୩୫ଟି ହାଇସ୍କୁଲ ପିଇଟିମାନେ ଯୋଗଦେଇଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୟାନିଧି ଚଲାନ ଧନ୍ୟବାଦ ଦେଇଥିଲେ।

### ଭତ୍ତା ବୃଦ୍ଧି ପାଇଁ ଦାବିପତ୍ର

ବୋଡେନ,୩।୯(ଟିକେଶ୍ୱର ନାଗ୍)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ରୋକାଲ ଗ୍ରାମରେ ରବିବାର ଭତ୍ତା ବୃଦ୍ଧି ପାଇଁ ସରପଞ୍ଚ ଠାକୁର ବାଗଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯିବ ବୋଲି ରୋକାଲ ସରପଞ୍ଚ ଠାକୁର ବାଗ କହିଛନ୍ତି। ନାଗରିକ ଅଧିକାର ଚାରିଟେବୁଲ ଟ୍ରଷ୍ଟ ସଭାପତି ଭ୍ରମର ବାଗଙ୍କ ନେତୃତ୍ୱରେ ଉପସଭାପତି ହରିଶଙ୍କର ତାଣ୍ଡି ସମ୍ପାଦକ ବିଜୁଦାସ ମହାନନ୍ଦ ଉପଦେଷ୍ଟା ଠାକୁର ଦାସ ମହାନନ୍ଦଙ୍କ ଉପସ୍ଥିତିରେ ସାମାଜିକ ମଙ୍ଗଳ ଯୋଜନାର ମିଳୁଥିବା ଭତ୍ତା ବୃଦ୍ଧି ଓ ଅନ୍ୟାନ୍ୟ ଦାବି ନେଇ ରୋକାଲ ଗ୍ରାମପଞ୍ଚାୟତ ହିତାଧିକାରୀମାନେ ରାଲି କରି ଦାବିପତ୍ର ପ୍ରଦାନ କରିଛନ୍ତି। ଦରଦାମ ଯେପରି ହୁହୁ ବଢ଼ି ଚାଲିଛି, ବର୍ତ୍ତମାନ ମିଳୁ ଭତ୍ତା ଟଙ୍କାରେ ଚଳିବା ବହୁତ କଷ୍ଟକର। ଅନ୍ୟ ରାଜ୍ୟଗୁଡ଼ିକରେ ୨୫୦୦ରୁ ୪୪୦୦୦ ହଜାର ପର୍ଯ୍ୟନ୍ତ ଭତ୍ତା ମିଳୁ ଥିବାବେଳେ ଓଡିଶାରେ କମ ମିଳୁଛି। ଅତିକମରେ ୪୮୯୦ ଟଙ୍କା ଦେବା ପାଇଁ ହିତାଧିକାରୀମାନେ ଦାବି କରିଛନ୍ତି। ନୂଆପଡ଼ା ଏକ ଦାଦନ ପ୍ରବଣ ଜିଲା ହୋଇଥିବା ବେଳେ ବୟସ୍କ ଶାଶୁଶ୍ୱଶୁରଙ୍କ ଛାଡ଼ି ପୁଅବୋହୂ ଅନ୍ୟ ରାଜ୍ୟକୁ କାମ କରିବାକୁ ଚାଲିଯାନ୍ତି। ଫଳରେ ଘରେ ଥିବା ବୃଦ୍ଧବୃଦ୍ଧା ବହୁ କଷ୍ଟରେ କାଳାତିପାତ କରିଥାନ୍ତି। ସେମାନଙ୍କ ରହିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ବୃଦ୍ଧାଶ୍ରମ, ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରା ଯୋଜନା ପ୍ରତି ବ୍ଲକ ପାଇଁ ଦାବି କରାଯାଇଛି।

# ବର୍ଷାଦିନେ ଜଳବନ୍ଦୀ ନାଗୁପଡ଼ା ଗ୍ରାମବାସୀ

ଭବାନୀପାଟଣା,୩।୯
(ଉତ୍ତମ କୁମାର ଦାଶ)


ଅଧାପନ୍ତରିଆ ପୋଲ।

ଦୀର୍ଘ ବର୍ଷର ଦାବି ଓ ୨ଟି ସାଧାରଣ ନିର୍ବାଚନ ପରେ ଶେଷରେ ଗ୍ରାମର ନାଳରେ ପୋଲ ନିର୍ମାଣ କରିବା ପାଇଁ ପ୍ରଶାସନର ଚେତାପଶିଥିଲା। ହେଲେ ଏହି ପୋଲ କାମ ଏବେ ଅଧାପନ୍ତରିଆ ଅବସ୍ଥାରେ ଥିବାରୁ ପୂର୍ବ ବର୍ଷଭଳି ବର୍ଷା ଦିନେ ଏଥର ମଧ୍ୟ ଜଳବନ୍ଦିର ଜୀବନ କଟାଉଛନ୍ତି ଗ୍ରାମବାସୀ। ଏପରି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ନାଗୁପଡା ଗ୍ରାମରେ। ଏହି ଗ୍ରାମରେ ଭୋଟର ସଂଖ୍ୟା ପାଖାପାଖି ୫ଶହ ଥିବା ବେଳେ ହଜାରେ ଲୋକ ବାସ କରନ୍ତି। ଗାଁକୁ ଯିବାକୁ ହେଲେ ଛଞ୍ଚାଣ ନାଳ ପାରି ହୋଇଯିବାକୁ ପଡିଥାଏ। ଗାଁର ଗୋଟେ ପଟେ ନଇଁ ଓ ଆର ପଟେ କେନାଲ ରହିଥିବା ବେଳେ ଛଞ୍ଚାଣ ନାଳ ହିଁ ଲୋକଙ୍କ ପାଇଁ ଯାତାୟାତର ଏକ ମାତ୍ର ମାଧ୍ୟମ ହୋଇଛି। ବର୍ଷା ଦିନେ ନାଳରେ ବଢ଼ି ପାଣି ଆସିଲେ ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ଜଳବନ୍ଦି ଅବସ୍ଥାରେ ରହିବାକୁ ପଡିଥାଏ। ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଏଠାରେ ପୋଲ ନିର୍ମାଣ ଦାବି କରିବା ସହ ଦୁଇ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ପରେ ପ୍ରଶାସନର ଚେତା ପଶିଥିଲା। ପରେ ୬ କୋଟି ଟଙ୍କା ବ୍ୟୟରେ ଏଠାରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଠିକାଦାର ବର୍ଷାଦିନ ପୂର୍ବରୁ କାମ ସାରି ନ ଥିବାରୁ ଲୋକଙ୍କୁ କିଛି ସୁଫଳ ମିଳିପାରି ନାହିଁ। ପିଲାଙ୍କୁ ଶିକ୍ଷାଦାନ ପାଇଁ ଗାଁରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ରହିଛି।

### ଅଧାପନ୍ତରିଆରେ ବିଜୁ ସେତୁ ପୋଲ ନିର୍ମାଣ କାମ

ହେଲେ ବର୍ଷା ଦିନ ଆସିଲେ ନାଳ ପାରି ହୋଇ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରୀଛାତ୍ର ସ୍କୁଲ ଯିବା ଅସମ୍ଭବ ହୋଇପଡିଥାଏ। ମାସକୁ ଥରେ ଦୁଇଥର ନାଳପାଣି ପାରି ହୋଇ ସ୍ୱାସ୍ଥ୍ୟକର୍ମୀ ଗାଁକୁ ଆସି ପିଲାଙ୍କ ଟିକାକରଣ ଓ ଗର୍ଭବତୀଙ୍କ ପରୀକ୍ଷା କରୁଥିବା ବେଳେ କୌଣସି ଜରୁରୀ କାମ ଏମିତିକି ହାଟ, ବଜାର, ମେଡିକାଲ ଯିବାକୁ ହେଲେ ଉଛୁଳା ପାଣିରେ ବିପଦସଙ୍କୁଳ ଅବସ୍ଥାରେ ଯିବାକୁ ବାଧ ହୋଇଥାନ୍ତି ଗ୍ରାମବାସୀ। ଗର୍ଭବତୀ ମହିଳା ଆଉ ଗୁରୁତର ରୋଗୀଙ୍କୁ ଭାରରେ ବୋହି ନାଳ ପାରିହୋଇ ଆରପଟକୁ ନେବା ପରେ ଆମ୍ବୁଲାନ୍ସ ଯୋଗେ ପାଖ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଉଥିବା ଲୋକେ ପ୍ରକାଶ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ତଳମୁଣ୍ଡରେ ପହଞ୍ଚୁନି ପାଣି, ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ଭବାନୀପାଟଣା,୩।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗୋକୁଳେଶ୍ୱର ପାଣି ପଞ୍ଚାୟତର ଗୋକୁଳେଶ୍ୱର, ବିଶୋଡି, ଜୁଜୁରାଙ୍ଗ ମୌଜାର ଚାଷୀ ରେତ କ୍ଷୁଦ୍ର ଜଳସେଚନ ଯୋଜନାରୁ ସେମାନଙ୍କ କେନାଲର ତଳମୁଣ୍ଡରେ ପାଣି ପହଞ୍ଚୁ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଚାଷୀମାନେ ଜିଲାପାଳଙ୍କୁ ସାକ୍ଷାତ ଦାବିପତ୍ର ପ୍ରଦାନ କରିଛନ୍ତି। କେରୋକୁ ଆରଡି ଶୂନରୁ ଆରଡି ୫୮୮୨ ବିଶୋଡି, ଜୁଜୁରାଙ୍ଗ ଗୋକୁଳେଶ୍ୱର ମାଇନର, ସବ୍ମାଇନର କେନାଲରେ ଆଦୌ ପାଣି ଆସୁନାହିଁ। କେରୋକୁ ଥିବା ଗେଟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ଦେଗା କେନାଲରେ ପାଣି ଆସୁଛି ଓ ବଳକା ଦେପା ନାଳରେ ବହି ଯାଉଛି। ନିଅଣ୍ଟିଆ ବର୍ଷା ଚିନ୍ତାରେ ପକାଇଥିବା ବେଳେ ତୁରନ୍ତ କେନାଲରେ ପାଣି ବ୍ୟବସ୍ଥା କରା ନ ଗଲେ ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବା ଆଶଙ୍କା ରହିଛି। କେନାଲ ହୁଡ଼ା ଏବଂ କେନାଲ ଶଯ୍ୟାରେ ଘାସ ଭର୍ତ୍ତି ହେବା ଯୋଗୁଁ ପାଣି ତଳମୁଣ୍ଡକୁ ଠିକ ଭାବରେ ପହଞ୍ଚୁ ନାହିଁ। ଗତ ଅଗଷ୍ଟ ୨୦ରେ କେସିଙ୍ଗା କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇବା ପରେ ପ୍ରାୟ ୬୫୦ ବାଲିବସ୍ତା ଦ୍ୱାରା ମରାମତି କାମ ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କେନାଲ ପାଣି ଛଡ଼ା ଯାଇନାହିଁ। ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ସେମାନେ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରବୀନ୍ଦ୍ର ସିଂହ, ହରିଶଙ୍କର ଗଉ ଚତୁର ଶବର, ମୋହନ ଶବର, ଭଗବାନ ଗଉ ହୋତା ଗଉ କ୍ଷେତ୍ର ଶବର, ଗୁଣ ମାଝି, ମଧୁ ବେହେରା ପ୍ରମୁଖ ଯୁବନେତା ସାମନ୍ତ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥାରେ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର


ବେଲଖଣ୍ଡି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।



ତୁଣ୍ଡଲା,୩।୯(ଫିରୋଜ କୁମାର ଦାଶ)

ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଡାକ୍ତରଖାନାର ଉନ୍ନତି ପାଇଁ ଗୁରୁତ୍ୱ ଦେଉ ନ ଥିବାରୁ ଡାକ୍ତରଖାନାଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏପରି ପରିସ୍ଥିତି କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପୁଜିଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୧୯୮୮ରେ ରଜାପଡା, ବାଦିପଡ଼ା, ଦିଗଶିରା, ସିର୍ଜାପାଲି, ହାତୀଖୋଜ, ସିଙ୍ଗାରିବାହାଲ, ପିପଲପଦର, ବେଲଖଣ୍ଡି, ଫଲସାପଡା,ସାହାଜପାଟି, ଅଞ୍ଚଳର ପାଖାପାଖି ୫୦ ହଜାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏକ ପ୍ରାଥମିକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିଥିଲେ। ହେଲେ ବର୍ତ୍ତମାନ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଭଙ୍ଗାଦଦରା ହୋଇ ବିପଦ ଅବସ୍ଥାରେ ପଡିରହିଛି। କର୍ମଚାରୀମାନେ ମଧ୍ୟ ନିଜ ଜୀବନକୁ ବାଜି ଲାଗଇ ଏହି ଭଙ୍ଗାଦଦରା ଘରେ ଅନ୍ୟଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବେଲଖଣ୍ଡି, ସିର୍ଜାପାଲି, ହାତୀଖୋଜ ପଞ୍ଚାୟତର ହାରାହାରି ପଚାଶ ହଜାର ଲୋକ ନିର୍ଭର କରନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜକୁ ପ୍ରାୟ ୩ବର୍ଷ ହେଲା ବର୍ଷା ଦିନେ ପାଣି ଝରୁଛି ଏବଂ ଭିତର ପଟୁ ବିଭିନ୍ନ ସମୟରେ ଚକଡା ଚକଡା ସିମେଣ୍ଟ ଖସିପଡୁଛି। ବର୍ତ୍ତମାନ ଚକଡାଗୁଡିକ ତଳେ ଖସି ଲୁହା ଛଡଗୁଡିକ ଦେଖାଯାଉଛି। ସେହିଭଳି ଡାକ୍ତରଖାନାରେ ଥିବା ଡ୍ରେସିଂ ରୁମ, ଡେଲିଭରି ରୁମ, ଔଷଧ ରଖାଯାଉଥିବା ଷ୍ଟକ ରୁମ, ଦୈନନ୍ଦିନ ରୋଗୀଙ୍କୁ ଦେଖୁଥିବା ରୁମ ଏବଂ ଅନ୍ୟାନ୍ୟ ରୁମଗୁଡିକ ମଧ୍ୟ ସମାନ ଅବସ୍ଥା। କେତେବେଳେ କଣ ଅଘଟଣ ଘଟିବ ତାହା ଆକଳନ କରାଯାଇପାରୁନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନୂତନ ଘର ତିଆରି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବୋର୍‌ୱେଲ ମୋଟର ଚୋରି, ଦୋକାନ ପୋଡ଼ିଲେ ଦୁର୍ବୃତ୍ତ

ନୂଆପଡ଼ା,୩।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁରେ ଏକ ଦୋକାନ ଦୁର୍ବୃତ୍ତମାନେ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଟିକେଲାଲ ସାହୁ (୩୦) ଦୋକାନ ବନ୍ଦ କରି ଶୋଇଥିଲେ। ରାତ୍ରି ପ୍ରାୟ ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଦୁର୍ବୃତ୍ତମାନେ ଆସି ଦୋକାନ ଘର ସଟର ତଳେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଜଳିବା ସହ ବୋମା ଫାଟିଲା ଭଳି ଶବ୍ଦ ହେବାରୁ ଘରେ ଶୋଇଥିବା ଲୋକ ଚମକି ପଡି ଉଠି ପଡି ନିଆଁ ଜଳିବା ଦେଖି ଚିତ୍କାର କରିଥିଲେ। ପରେ ଘର ବାଡି ପଟେ ଥିବା ଗେଟ କବାଟ ଖୋଲି ବାହାରକୁ ଆସିଥିଲେ। ପରିବାର ଲୋକ ଆସିବା ବେଳେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଚାଲି ଯାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ଟିକେଲାଲଙ୍କ ଘରଠାରୁ ୧୦୦ ମିଟର ଦୂର ବୋରୱାଲ ମୋଟର ଖୋଲି ବୋର ଭିତରରେ ପଥର ଓ ଇଟା ଭର୍ତ୍ତି କରି ଦେଇଛନ୍ତି। ବୋର ନଷ୍ଟ ପରେ ଦୋକାନ ଜାଳିଛନ୍ତି। ବୋର ଚାଲିଲେ ପାଣି ପକାଇ ନିଆଁକୁ ଆୟତ କରିଦେବେ ଭାବି ପ୍ରଥମେ ବୋରୱାଲକୁ ନଷ୍ଟ କରିଛନ୍ତି। ଏହା ଏକ ବଡ ଧରଣର ଘଟଣା ଘଟାଇବା ଉଦ୍ୟମ ଥିଲା। ଆମ ପରିବାରଙ୍କୁ ଜୀବନରେ ମାରି ଦେବା ପାଇଁ ଉଦ୍ୟମ କରୁଥିଲେ। ଆମ ଜୀବନ ପ୍ରତି ବିପଦ ରହିଛି। ଆମକୁ ସୁରକ୍ଷା ଦରକାର ବୋଲି ପରିବାର ଲୋକେ ଦାବି କରିଛନ୍ତି। ଏ ନେଇ ଟିକେଲାଲ ସାହୁ ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଛି। ଦୋକାନରେ ପୋଡିଥିବା ଜିନିଷର କ୍ଷୟକ୍ଷତି ରିପୋର୍ଟ ଆକଳନ କରାଯାଇ ନାହିଁ। ପୋଲିସ ତଦନ୍ତ ପରେ ଜଣା ପଡିବ। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଳିଛି ବୋଲି ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସ ସୂଚନା ଦେଇଛନ୍ତି।

# ରାସ୍ତା ପାର୍ଶ୍ୱ ଜମିର ଧାନ ଚାଷ ଖାଇଗଲେ ଗୋରୁପଲ


ରାସ୍ତା ପାର୍ଶ୍ୱରେ ଥିବା ଜମିରେ ଗୋରୁପଲ ପଶି ଧାନ ଫସଲ ଖାଇ ନଷ୍ଟ କରୁଛନ୍ତି।

ବେହେରା,୩।୯(ଭୁପେଶ ତିୱାରୀ)

କଳାହାଣ୍ଡି ଜିଲାରେ ନିଅଣ୍ଟିଆ ବର୍ଷା ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଥିବା ବେଳେ ଚାଷୀ ମୁଣ୍ଡରେ ହାତଦେଇ ବର୍ଷା ପାଇଁ ଦେବଦେବୀଙ୍କ ଶରଣାପନ୍ନ ହେଉଛି। ଏଭଳିସ୍ଥିତିରେ ଯାହା ଟିକେ ଚାଷ ବଞ୍ଚିକି ରହିଛି ତାହା କଠିନ ପରିଶ୍ରମ କରି ଅମଳ କରିବାକୁ ପ୍ରୟାସ କରୁଛି ଚାଷୀ। ତେବେ ଗୋମାଫିଆଙ୍କ ବେଆଇନ ଗୋ ଚାଲାଣ ଓ ଅବହେଳା ଯୋଗୁ ରାସ୍ତା ପାର୍ଶ୍ୱରେ ଥିବା ଜମିରେ ଅନେକ ସମୟରେ ଶହ ଶହ ଗୋରୁ ପଲ ପଶି ଚାଷ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତରେ। ମିଳିଥିବା ସୂଚନା ମତେ ଶୁକ୍ରବାର ବିଳମ୍ବିତ ରାତିରେ ଧର୍ମଗଡ଼ ବିଜୁ ଏକ୍ସପ୍ରେସ ୱେ ଦେଇ ବେଆଇନ ଭାବେ ଗୋ ଚାଲାଣ ହେଉଥିଲା। ବେହେରା ପଞ୍ଚାୟତ ଗାଇନ୍ତା ପଦା ଓ ପିପଲ ପଦା ବିଜୁ ଏକ୍ସପ୍ରେସ ରାସ୍ତା ପାର୍ଶରେ ଥିବା ଗଇନ୍ତା ପଡାର କପିରାମ ସୁନାନୀ, ସୁଗ୍ରୀବ ଶୁନାନି, ଭାଗିରଥି ଶୁନାନୀ, ନର ସୁନାନି, ବରୁଣ ସୁନାନି, ରୁକଧର ନିଆଲ ଓ ଅନ୍ୟ ଚାଷୀଙ୍କ ୫-୭ ଏକର ଜମିରେ ଗୋରୁ ପଲ ପଶିଯାଇ ଧାନ ଚାଷ ଖାଇ ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି ଚାଷୀ। ଏ ନେଇ ଉତ୍ତେଜିତ ଚାଷୀ ବିଜୁ ଏକ୍ସପ୍ରେସ ୱେରେ ଦୀର୍ଘ ସମୟ ଧରି ଗୋରୁପଲ ଅଟକାଇ କ୍ଷତି ପୂରଣ ଦାବି କରିଥିଲେ। ଖବର ପାଇ ସ୍ଥାନୀୟ ତ୍ରିଲୋକ ସିଂ, ସରପଞ୍ଚ ପ୍ରତିନିଧି ଭବେଶ ଗଇଁନ୍ତା ପହଞ୍ଚି ଘଟଣା ସମ୍ପର୍କରେ କୋକସରା ପୋଲିସ ଓ ଧର୍ମଗଡ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କେହି କର୍ଣ୍ଣପାତ କରି ନ ଥିଲେ। ଗୋରୁ ବେପାରୀମାନେ ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ଅଳ୍ପ କିଛି ଟଙ୍କା ଦେଇ ଗୋରୁପଲ ଧରି ସେଠାରୁ ଚାଲି ଯାଇଥିଲେ। ଏହି ରାସ୍ତା ଦେଇ ଶହ ଶହ ଗୋରୁ ବେଆଇନ ଭାବେ ଚାଲନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ଓ ପ୍ରଶାସନ ନିରବ ରହୁଛି। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଗଣ୍ଡାବାହାଲିରେ ଗଙ୍ଗାଧର ମେହେର ଜୟନ୍ତୀ

ସିନାପାଲି,୩।୯(ମନଫୁଲ ମେହେର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ମେହେର ସମାଜ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଜୟନ୍ତୀ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ରବିବାର ପାଳିତ ହୋଇଯାଇଛି। ସମାଜ ସଭାପତି ମହେଶ୍ୱର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ଆଇନଜୀବୀ ବୈଶମ୍ପାୟନ ମେହେର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ କନକବର୍ଦ୍ଧନ ସାହୁ ଏବଂ ସମ୍ମାନିତ ଅତିଥି ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର ଉପସ୍ଥିତ ରହିଥିଲେ। କବି ଗଙ୍ଗାଧରଙ୍କ ସୃଷ୍ଟି ଏବଂ ଜୀବନ ଶୈଳିରେ ଥିବା ସାଧୁତା ଆମ ସମସ୍ତଙ୍କ ଆଦର୍ଶ ହେଲେ ସମାଜରେ ସ୍ୱତଃ ସକରାତ୍ମକ ପରିବର୍ତ୍ତନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଗୁପ୍ତେଶ୍ୱର ମେହେର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରକ୍ତଦାତା ଥବୀର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିସମ୍ବର ମେହେର ମାନପତ୍ର ପାଠ କରିଥିଲେ। ଅଧ୍ୟାପକ କବି ଧ୍ରୁବଚରଣ ପଧାନଙ୍କ ସଂଯୋଜନାରେ କବିତା ଆସରରେ ଅଞ୍ଚଳର କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସମାଜ ସମ୍ପାଦକ ନିରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ।

### ମିଶନ ହସ୍ପିଟାଲ ପାଖରେ ବିଶ୍ରାମାଗାର ନିର୍ମାଣ ଦାବି

ଖଡ଼ିଆଳ,୩।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳଠାରେ ଥିବା ଇଭାନଜେଲିକାଲ ମିଶନ ହସ୍ପିଟାଲ ହେଉଛି ଖଡ଼ିଆଳବାସୀଙ୍କ ପ୍ରାଣ କେନ୍ଦ୍ର। ଏହି ହସ୍ପିଟାଲରେ ଖଡ଼ିଆଳ ସହର ସମେତ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସମ୍ବଲପୁର, ସୋନପୁର ଓ ବୌଦ୍ଧ ଜିଲା ସମେତ ଛତିଶଗଡ଼ର ଦେଓଭୋଗ, ବାଗବାହାରା ଓ ମହାସମୁନ୍ଦ ଅଞ୍ଚଳରୁ ଶତାଧିକ ରୋଗୀ ଆସି ଚିକିତ୍ସା ହୋଇଥାନ୍ତି। ହେଲେ ହସ୍ପିଟାଲ ସାମନାରେ ବିଶ୍ରାମାଗାର ନ ଥିବାରୁ ଏଠାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ବର୍ଷା ଓ ଖରାରେ ଖୋଲା ଆକାଶ ତଳେ ବସ ଅପେକ୍ଷା କରିଥାନ୍ତି। ସରକାର ହେଉ କି ମିଶନ କର୍ତ୍ତୃପକ୍ଷ ଗେଟ ସାମନାରେ ଏକ ବିଶ୍ରାମାଗାର ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ଥାଉକି ୧୯୩୦ରେ ଏହି ହସ୍ପିଟାଲ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଏହା ୯୪ବର୍ଷରେ ପଦାର୍ପଣ କରିଛି।

# କଳାହାଣ୍ଡି ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଭବାନୀପାଟଣା,୩।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିଜେଡି ପକ୍ଷରୁ ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ ପରିସରରେ ଦିଗପହଣ୍ଡି ବିଧାୟକ ତଥା ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ରବିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୌରଧକ୍ଷା ସଂଯୁକ୍ତା ବେହେରା, ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ବିଧାୟକ ଅନାମ ନାଏକ, ପୂର୍ବତନ ବିଧାୟକ ଶିବାଜି ମାଝି, ଭବାନୀପାଟଣା ପୌର ପରିଷଦ ୨୦ ନମ୍ବର ୱାର୍ଡ କାଉନସିଲର ପ୍ରମିତ ସିଂ, ୧୭ ନମ୍ବର ୱାର୍ଡ କାଉନସିଲର କ୍ଷୀରସିନ୍ଧୁ ନାଏକ, ଜିଲା ଉପସଭାପତି ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ସାମନ୍ତ ଖାମରି, ଅଶେଶ୍ୱର ବାଗ, ସେନାପତି ନାଏକ, ରାଜୀବ ସତପଥି, ଚକ୍ରଧର ସେଠି, ସମିତା ନାଏକ, କାର୍ଯ୍ୟାଳୟ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ଯୁବ ଜନତା ଦଳ ଜିଲା ସଭାପତି ଆଦିତ୍ୟ ନନ୍ଦ, ନଗର କମିଟି ଯୁବ ସଭାପତି ପୀତବାସ ବେହେରାଙ୍କ ସମେତ ଦଳର ସମସ୍ତ କର୍ମୀ ଓ ନେତା ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର୍ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସମସ୍ତ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।



ବିଜେଡି ପକ୍ଷରୁ ଆୟୋଜିତ ଶୋକସଭା।

# ୨ ଦିବ୍ୟାଙ୍ଗ ଭାଇ ପାଇଁ ଭଉଣୀ ସାଜିଛନ୍ତି ମା’

ଭବାନୀପାଟଣା,୩।୯(ଉତ୍ତମ କୁମାର ଦାଶ)


ଅସହାୟ ଭଉଣୀ ଭାଇ।

ସ୍ନେହ ଓ ପ୍ରେମର ବନ୍ଧନ ରାଖୀ। ଭାଇ ଭଉଣୀର ଅତୁଟ ସମ୍ପର୍କ ରାଖୀ। ବୁଧବାର ସୁବୁଠି ରାଖୀ ପୂର୍ଣ୍ଣିମା ଧୁମଧାମରେ ପାଳନ ହୋଇଛି। ଏହି ଦିନ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭଗବାନ ପାଖରେ ପ୍ରାର୍ଥନା କରିଥାଏ ଓ ବଦଳରେ ଭାଇ ଭଉଣୀଙ୍କୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇଥାଏ, କିନ୍ତୁ ଏଠାରେ ଟିକିଏ ଅଲଗା। ଦୁଇ ଦିବ୍ୟାଙ୍ଗ ଭାଇ ପାଇଁ ନିଜ ପାଠପଢାକୁ ବଳିଦାନ ଦେଇ ଏବେ ମା’ ସାଜିଛି ଜଣେ ଭଉଣୀ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କଳମପୁର ବ୍ଲକ ଦୁଲୁକିବନ୍ଧ ଗ୍ରାମରେ। ଗ୍ରାମର କୈଳାଶ ମାଝି ଓ ତାଙ୍କ ୩ ସନ୍ତାନ ରହିଛନ୍ତି। କୈଳାଶଙ୍କ ସ୍ତ୍ରୀ ପ୍ରଥମେ କନ୍ୟା ସନ୍ତାନ ଜନ୍ମ କରିବା ପରେ ଦ୍ୱିତୀୟ ଓ ତୃତୀୟ ଲଗାତର ୨ଟି ଦିବ୍ୟାଙ୍ଗ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପରେ ଅସହାୟ ଅବସ୍ଥାରେ ୩ ସନ୍ତାନକୁ ବାପା ହାତରେ ଟେକିଦେଇ କୁଆଡେ ଚାଲି ଗଲେ। ଘରେ ରହିଗଲେ ବଡ଼ ଝିଅ ମନୀଷା (୧୫), ୨ ଦିବ୍ୟାଙ୍ଗ ଭାଇ ମନୋଜ, ଦୁଷ୍ମନ୍ତ। କୈଳାସ ଭାବିଥିଲେ ତାଙ୍କ ସ୍ତ୍ରୀ ୩ସନ୍ତାନଙ୍କ ପାଇଁ ନିଶ୍ଚୟ ଫେରିଆସିବେ। କିନ୍ତୁ ତାଙ୍କ ଅପେକ୍ଷା ଅପେକ୍ଷାରେ ହିଁ ରହିଗଲା। ଦିନ ମଜୁରିଆ ଭାବେ କାମ କରୁଥିବା କୈଳାସ ପରିବାର ଚଳାଇବେ ନାଁ ୨ ଦିବ୍ୟାଙ୍ଗ ପୁଅଙ୍କ ସେବା କରିବେ ସେ ଚିନ୍ତାରେ ପଡ଼ିଲେ। ଶେଷରେ ବଡ ଝିଅ ମନୀଷା ୨ ଦିବ୍ୟାଙ୍ଗ ଭାଇଙ୍କ ସେବା ଯତ୍ନ ସହ ପରିବାର ପ୍ରତିପୋଷଣରେ ବାପାଙ୍କୁ ସାହାଯ୍ୟର ହାତ ବଢ଼ାଇଥିଲେ। ଅନ୍ୟ ଝିଅଙ୍କ ଭଳି ଅଧିକ ପାଠ ପଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ଦିବ୍ୟାଙ୍ଗ ଭାଇଙ୍କ ଦୁଃଖ ଓ ଅସହାୟ ବାପାଙ୍କ ମୁହଁ ଦେଖି ଖେଳିବା ବୟସରେ ମା’ ଭଳି ୨ଭାଇଙ୍କ ଯତ୍ନ ନେଉଛନ୍ତି ମନୀଷା। ଘରେ ରୋଷେଇ ସାଙ୍ଗକୁ ଦିବ୍ୟାଙ୍ଗ ଭାଇଙ୍କ ଗାଧୁଆ,

### ଭାଇ ପାଇଁ ଅଧାରୁ ପାଠପଢ଼ା ଛାଡ଼ିଲେ ଭଉଣୀ

ଡ୍ରେସ ପିନ୍ଧା ଭଳି ସବୁ ପ୍ରକାର ଯତ୍ନ ନେବା ସହ ଅଳି କଲେ ବୁଝାଇ ଦିଅନ୍ତି ମନୀଷା। ବାପା କୈଳାସ କାମଧନ୍ଦା ପାଇଁ ଗଲେ ଚାରି କାନ୍ଥ ଭିତରେ ଦୁଇ ଭାଇ ହିଁ ତାଙ୍କର ସଂସାର। ଏହି ଭଳିସ୍ଥିତିରେ ଏହି ତିନି ସନ୍ତାନଙ୍କ ନିଆରା ପ୍ରେମକୁ ଦେଖି ପାଖପଡୋଶୀ ମଧ୍ୟ ମନୀଷାଙ୍କୁ ସହାନୁଭୁତୀ ଦେବା ସହ ପ୍ରଶଂସା ନ କରି ରହିପାରନ୍ତି ନାହିଁ। ମନୋଜ ଓ ଦୁଷ୍ମନ୍ତଙ୍କ ଆଜି ଯାଏଁ ଆଧାର କାର୍ଡ ମଧ୍ୟ ହୋଇପାରି ନାହିଁ। ଫଳରେ ତାଙ୍କୁ ବିକଳାଙ୍ଗ ଭତ୍ତା ମଧ୍ୟ ମିଳି ପାରୁନାହିଁ। ଅତି ଗରିବ ଶ୍ରେଣୀରେ ଥିବା ଏହି ଅସହାୟ ପରିବାରେ ଜନ୍ମ ନେଇଥିବା ମନୀଷା ଭାଇମାନଙ୍କ ଲାଳନ ପାଳନ ପାଇଁ ସପ୍ତମ ଶ୍ରେଣୀରୁ ପାଠ ଛାଡିଥିବା ବେଳେ କିଭଳି ଦୁଇ ଭାଇଙ୍କୁ ସରକାରୀ ସାହାଯ୍ୟ ଟିକିଏ ମିଳନ୍ତା ସେ ନେଇ ଚେଷ୍ଟିତ ଅଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### କେନାଲରୁ ମୃତଦେହ ମିଳିଲା

**ସରଣ୍ଡା,୩।୯(ଯୁଧିଷ୍ଠିର ମହାପାତ୍ର ):** ବରଗଡ ଜିଲା ଅତାବିରା ଥାନା ଅଧୀନ ଜହ୍ମାପଡା ଶାଖା କେନାଲରେ ଭାସୁଥିବା ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଏଯାଏ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ତେବେ ମୃତକ ରାଞ୍ଚିର ବାସିନ୍ଦା ବୋଲି ଜଣାପଡିଛି। ସେ ବରଗଡ ମୁଖ୍ୟ କେନାଲ ନିକଟ ଟାଙ୍ଗରପାଲିରେ କାମ କରୁଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ କିଭଳି ହେଲା ସେ ନେଇ ପୋଲିସ ତଦନ୍ତ କରୁଛି ବୋଲି ଅତାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଏ ନେଇ ଅତାବିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କଂଗ୍ରେସର ନୂତନ କର୍ମକର୍ତ୍ତା ଚୟନ

**ବରପାଲି,୩।୯(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀ କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କ ନାଁ ଘୋଷଣା କରାଯାଇଛି। ଏହି ନିର୍ବାଚନମଣ୍ଡଳୀ ଅଧୀନ ବରପାଲି ବ୍ଲକ କଂଗ୍ରେସ ସଭାପତି ଭାବେ ଫକିର ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି। ସେହିପରି ବରପାଲି ଏନ୍‌ଏସି ସଭାପତି ଭାବେ ସରୋଜ କୁମାର ଭୋଇ, ବିଜେପୁର ବ୍ଲକ ସଭାପତି ନାରାୟଣ ଭୋଇ, ବିଜେପୁର ଏନ୍‌ଏସି ସଭାପତି ଗୁନା ସେଠ, ଗାଇସିଲେଟ ସଭାପତି ଭାବେ ଘନଶ୍ୟାମ ପାତ୍ରଙ୍କ ନାମ ଘୋଷଣା ହୋଇଛି। ଏ ନେଇ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ଏ ନେଇ ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଜିଲା କଂଗ୍ରେସ ଯୁବ ସଭାପତି ଅଭିଷେକ ସେଠ ଅଭିନନ୍ଦନ ଜଣାଇଛନ୍ତି।

### ରକ୍ତଦାନ ଶିବିର, ୩୫ ୟୁନିଟ୍ ସଂଗ୍ରହ

**ବରପାଲି,୩।୯(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ ବନ୍ଧପାଲି ଗ୍ରାମରେ ଜନକଲ୍ୟାଣ ସଙ୍ଗଠନ ଆନୁକୂଲ୍ୟରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇ ବୁର୍ଲା ରକ୍ତ ଭଣ୍ଡାରକୁ ପଠାଯାଇଥିଲା। ରାଜ୍ୟ ସମବାୟ ୟୁନିୟନ ଲିମିଟେଡ ଉପସଭାପତି ତଥା ଆଗଲପୁର ପାକ୍ସ ସଭାପତି ବିରୋସନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବନ୍ଧପାଲି ସରପଞ୍ଚ ରମେଶ ମେହେର, ସମିତି ସଭ୍ୟ ଚିଣ୍ଟୁ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଙ୍ଗଠନ ସଭାପତି ପିତବାସ ପଧାନ, ପୂର୍ଣ୍ଣ ମେହେର, ମିଲୁ ମେହେର, ରବି ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ଜେନିଥ ସ୍କୁଲରେ ଛାତ୍ର ସଙ୍ଗଠନ ନିର୍ମାଣ

**ପଦ୍ମପୁର ୩।୯(ପ୍ରଦୀପ୍ତ ଦାଶ):** ପଦ୍ମପୁର ଘରୋଇ ଶିକ୍ଷାନୁଷ୍ଠାନ ଜେନିଥ ଲାୟନ୍ସ ଗୁରୁକୁଳରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଛାତ୍ର ସଙ୍ଗଠନ ନିର୍ମାଣ ସମାରୋହ ବିଦ୍ୟାଳୟ ପରିସର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦର୍ଶ ଥାନାଧିକାରୀ ମମତା ନାଏକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଛାତ୍ରନେତାମାନଙ୍କୁ ବ୍ୟାଚ୍ ପ୍ରଦାନ କରିଥିଲେ। ସେମାନଙ୍କୁ ସେମାନଙ୍କ କର୍ତ୍ତବ୍ୟକୁ ନିରପେକ୍ଷ ଭାବେ ସମ୍ପାଦନ କରି ବିଦ୍ୟାଳୟର ଗାରିମା ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅପରାଧ ରୋକିବାକୁ ସଚେତନତା

**ଅତାବିରା,୩।୯(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ପକ୍ଷରୁ ଟୋପ ଗ୍ରାମରେ ରବିବାର ଆମ ପୋଲିସ ସମିତିରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଇବର ଅପରାଧ, ବାଲ୍ୟ ବିବାହ ବନ୍ଦ, ହେଲମେଟ୍ ବ୍ୟବହାର ଆଦି ଉପରେ ସଚେତନତା କରାଯାଇଥିବା ବେଳେ ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଡୋଲେଶ୍ୱରୀ ବୁଢ଼ା, ସମିତି ସଭ୍ୟ ଓକିଲ ଭାତପାହାର, ଜୟନ୍ତ ମିଶ୍ର, ସୁରେନ୍ଦ୍ର ମେହେର, ରମେଶ ପଞ୍ଚବିହାର ପ୍ରମୁଖ ମଞ୍ଚାସୀନ ରହି ନିଜ ମତ ରଖିଥିଲେ। ଏସ୍‌ଆଇ ଲଳିତ ନାଗ, ଭଜମନ ବିଶି, ଯୁଗଳ କିଶୋର ତାଣ୍ଡି, ଫକୀର ବେହେରା, ଓକିଲ ବାଦୀ ପ୍ରମୁଖ ସହଯୋଗ କରିଥିଲେ।



ରବିବାର ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ବିଜେପୁରଠାରେ ସଂକୀର୍ତ୍ତନ କଳାକାରମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

# ସଂକୀର୍ତ୍ତନ ସଂସ୍କୃତିର ସୁରକ୍ଷା ଆହ୍ୱାନ

**ବରଗଡ଼,୩।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ବିଜେପୁରଠାରେ ବ୍ଲକସ୍ତରୀୟ ସଂକୀର୍ତ୍ତନ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପୁର ଏବଂ ସୋହେଲା ବ୍ଲକର ଶତାଧିକ ସଂକୀର୍ତ୍ତନ ଗାୟକ, ବାୟକ ଏକାଠି ହୋଇ ସଂକୀର୍ତ୍ତନ ମାଧ୍ୟମରେ ବିଜେପୁର ନଗର ପରିଭ୍ରମଣ କରିବା ସହିତ ସଂକୀର୍ତ୍ତନ ଜାଗରଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀ ସଭାଗୃହଠାରେ ଆୟୋଜିତ ସଭାରେ ପରିଷଦର ଜିଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ଅଧ୍ୟକ୍ଷତା କରିଥିଲେ। ପରିଷଦର ଆବାହକ ତଥା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଏଥିରେ ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାବ, ଭକ୍ତି ଓ ସଂସ୍କୃତିର ପ୍ରତୀକ ସଂକୀର୍ତ୍ତନ ବର୍ତ୍ତମାନ ଅପସଂସ୍କୃତି ଆଡ଼କୁ ଗତି କରୁଛି ବୋଲି କହିଥିଲେ। ଏଭଳି ସ୍ଥିତିରେ ସଂକୀର୍ତ୍ତନ ସଂସ୍କୃତି ସୁରକ୍ଷା କରିବା ପାଇଁ ଆଗେଇ ଆସିବାକୁ କବିତା ମାଧ୍ୟମରେ ସେ ଉପସ୍ଥିତ ସଂକୀର୍ତ୍ତନପ୍ରେମୀଙ୍କୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ସଂକୀର୍ତ୍ତନ ଗାୟକ ଲଳିତ ଭୋଇ, ଲଳିତ ମୋହନ ପଣ୍ଡା, ରାମଚନ୍ଦ୍ର ସାହୁ, ନୀଳ ଦେବତା ପ୍ରମୁଖ ଉପସ୍ଥିତ ରହି ସାଙ୍ଗଠନିକ ସ୍ଥିତିକୁ ମଜବୁତ୍ କରିବା ସହିତ ସଂକୀର୍ତ୍ତନର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିବେଦନ କରିଥିଲେ। ଜିଲା ସଂକୀର୍ତ୍ତନ ପରିଷଦ ସମ୍ପାଦକ ଜୟଦେବ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପରିଷଦର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ବିଜେପୁର ସଂକୀର୍ତ୍ତନ ମଣ୍ଡଳୀର ଗାୟକ ପ୍ରଦୀପ ମାହାଣା, ଗୁଡ଼ିମୁଣ୍ଡା ସଂକୀର୍ତ୍ତନ ମଣ୍ଡଳୀର ଗାୟକ କିଶୋର ଗଡ଼ତିଆ, କବି ଭୋଗିନ୍ଦ୍ର ପଣ୍ଡାଙ୍କୁ ପରିଷଦ ତରଫରୁ ମାନପତ୍ର, ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ବିଜେପୁର ବ୍ଲକ ସଂଯୋଜକ ଭାବେ ପ୍ରଦୀପ ମାହାଣାଙ୍କୁ ମନୋନୀତ କରାଯାଇଥିଲା। କିଶୋର ଗଡ଼ତିଆ, ପିଙ୍କୁ ସାହୁ, ଦିବ୍ୟକିଶୋର ମେହେର, ଅନନ୍ତ ଚିରଗୁନ୍, ଶେଷ ପଟେଲ, ବିଷ୍ଣୁ ପାତ୍ର, ଜମାଦାର ଦେହେରୀ, ନୀଳକଣ୍ଠ ଗୁରୁ, ସନ୍ତୋଷ ସାହୁ, ଝରା ନାଏକ, ଅମୃତ ବିଶି, ଆନନ୍ଦ ବିଶି, ଭୁବନ ଭୁଏ, ସୁନୀଲ ସରସରିଆ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସଂଯୋଜକ, ପ୍ରତିନିଧି ସହଯୋଗ କରିଥିଲେ।

# ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼,୩।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଦିବସରେ ରାଜ୍ୟ ସଂସାଧନ ସଭ୍ୟ ଡ. ଅଜୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକହିତକାରୀ ଯୋଜନାକୁ କିଭଳି ଲୋକକଳା ମାଧ୍ୟମରେ ଉପସ୍ଥାପନ କରି ଜନସାଧାରଣଙ୍କ ନିକଟକୁ ପହଞ୍ଚାଇ ପାରିବେ, ତାହା ଉପରେ ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ତପସ୍ୱିନୀ ଗୁରୁ, ଗାନ୍ଧୀ ବାରିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଜିଲା ସଂଯୋଜକ ସଞ୍ଜୀବ କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଜିଲା ସଂଯୋଜକ ପଟେଲ ଆଲୋକପାତ କରିଥିଲେ। ସମସ୍ତ ଅତିଥି ବରଗଡ଼ ଜିଲାର ବିଭିନ୍ନ ପ୍ରକାର କଳାଶୈଳୀରେ ଲିଖିତ ଗୀତି ପୁସ୍ତିକା ସହଭାଗିତା-୨କୁ ଉନ୍ମୋଚନ କରିଥିଲେ। ଏହାସହିତ କଳାକାର, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ତଥା ପ୍ରମୁଖ କଳାକାରମାନେ ନିଜ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମକୁ ସମସ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆୟୋଜନ କରିବେ ବୋଲି ସୂଚନା ଦିଆଯାଇଛି। ଜିଲା ସଂସ୍କୃତି ଅଧିକାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ସପ୍ତମ ସୋପାନ, ଶିଶୁ ମେଳା

**ସରଣ୍ଡା,୩।୯(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପର ସପ୍ତମ ସୋପାନ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଜ୍ଞାନ ଶିକ୍ଷକ ଧର୍ମରାଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହିତ ଶିଶୁର ସମସ୍ତ କ୍ଷମତାର ବିକାଶ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା ସମିତି କୋଷାଧ୍ୟକ୍ଷ ପ୍ରେମାନନ୍ଦ ମେହେର ଓ ଉପସଭାପତି ବୃନ୍ଦାବନ ସାହୁ ମଞ୍ଚାସୀନ ଥିଲେ। ଗୁରୁମା ସୁଶ୍ରୀ ଜନନୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ତରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବାଟିକା ପ୍ରମୁଖ ସୁଶ୍ରୀ କୁନ୍ତୀ ପଧାନ ଓ ବାସନ୍ତୀ ସାହୁ ଶିଶୁ ମେଳା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଶିଶୁ ମେଳାରେ ମୋଟ ୪୦ଟି ଷ୍ଟଲ ଲାଗିଥିଲା।

# ଦାବି ପୂରଣ ନ ହେଲେ ସ୍କୁଲରେ ତାଲା

**ପଦ୍ମପୁର,୩।୯(ପ୍ରଦୀପ୍ତ ଦାଶ)**

ପଶ୍ଚିମ ଓଡିଶା ପ୍ରାଥମିକ ଶିକ୍ଷକ ଫୋରମର ୧୪ ଜିଲା ପ୍ରତିନିଧିଙ୍କୁ ନେଇ ଜିଲା ସଭାପତି ଡୋଲାମଣି ମାହାରଙ୍କ ଅଧ୍ୟକ୍ଷତାରେ ରବିବାର ବରଗଡ ଅଗ୍ରଗାମୀ ଯୁବକ ସଂଘରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ଫୋରମର ୨୮ ଜଣିଆ କୋର କମିଟି ଗଠନ କରାଯାଇ ରାମଲାଲ ପଟେଲଙ୍କୁ ନେତୃତ୍ୱ ଦିଆଯାଇଥିଲା। ପ୍ରାଥମିକ ଶିକ୍ଷକଙ୍କ ୩ ଦଫା ଦାବି ପୂରଣରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ କନିଷ୍ଠ ଶିକ୍ଷକ ସଂଘ ସମ୍ପାଦକ ସୋମ୍ୟରଞ୍ଜନ ପ୍ରଧାନ, ରାଜ୍ୟ ଏକ୍ସ କ୍ୟାଡର ସଭାପତି ଶିବଲାଲ ସାହୁ ଯୋଗଦେଇ ଆନ୍ଦୋଳନରେ ସାମିଲ ହୋଇ ରାଜ୍ୟ ସରକାରକୁ ଉଚିତ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଗୁରୁଦିବସ ସୁଦ୍ଧା ରାଜ୍ୟ ସରକାର ଦାବି ପୂରଣ ନ କଲେ ପଶ୍ଚିମ ଓଡିଶା ପ୍ରାଥମିକ ଶିକ୍ଷକ ଫୋରମ ଆର୍‌ଡିସି ଅଫିସ ଘେରାଉ କରିବ ଓ ଅନିର୍ଦ୍ଦିଷ୍ଟ କାଳ ସ୍କୁଲରେ ତାଲା ପକାଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ପଶ୍ଚିମ ଓଡିଶା ପ୍ରାଥମିକ ଶିକ୍ଷକ ଫୋରମର ସୁରେଶ ପ୍ରଧାନ, ଚକାନନ୍ଦ କର୍ଣ୍ଣ, ଶିଶିର ଖଟୁଆ, ସୋମନାଥ ଗୌଡ଼, ଦିଲୀପ ମିଶ୍ର, ମନୋଜ ସାହୁ, ଦାମୋଦର ପଣ୍ଡା, ଅଜିତ ପ୍ରଧାନ, ତ୍ରିନାଥ ଖୁଣ୍ଟିଆ, ଅଶୋକ ସାହୁ, ଶରତ ସୁନା, ରଘୁନାଥ ପୁରୀ, ଭରଦ୍ୱାଜ ପ୍ରଧାନ, ଅମରେନ୍ଦ୍ର ବାଗ, ରାୟଦତ୍ତ ବିଶ୍ୱାଳ, ଦୀପକ ସାହୁଙ୍କ ସମେତ ବରଗଡ଼ ଜିଲାର ସମସ୍ତ ବ୍ଲକ ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ଶେଷରେ ଜିଲା ସମ୍ପାଦକ ଶ୍ରୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାନ୍ଧୁପାଲିରେ ଦେବୀଙ୍କ ଆଶୀର୍ବାଦ ପାଇଁ ଭିଡ଼


ବାନ୍ଧୁପାଲିରେ ଜନସମାଗମ।

**ପଦ୍ମପୁର,୩।୯(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବ୍ଲକ ବାନ୍ଧୁପାଲିର ଜଣେ ମହିଳାଙ୍କ ଦେହରେ ଦେବୀ ଆବିର୍ଭୂତା ହୋଇଥିବା ପ୍ରଚାର ହେବା ପରେ ଆଶୀର୍ବାଦ ନେବାକୁ ସେଠାରେ ପ୍ରବଳ ଜନସମାଗମ ହୋଇଥିଲା। ବଲାଙ୍ଗୀର, ସୋନପୁର, ବରଗଡ, ଛତିଶଗଡ ଏବଂ ଅନ୍ୟ ସ୍ଥାନରୁ ବାନ୍ଧୁପାଲି ଗାଁକୁ ଲୋକଙ୍କ ସୁଅ ଛୁଟିଥିଲା। ଗ୍ରାମବାସୀଙ୍କ ନିଷ୍ପତ୍ତି ଅନୁସାରେ ରବିବାର ଓ ସୋମବାର ମା'ଙ୍କ ଦର୍ଶନ କରାଯିବାକୁ ନିର୍ଦ୍ଧାରିତ ହୋଇଥିଲା। ଫଳରେ ରବିବାର ଉକ୍ତ ଗାଁରେ ପ୍ରବଳ ଭିଡ ହେବାରୁ ପଦ୍ମପୁର-ଗାଇସିଲେଟ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ଜନସାଧାରଣଙ୍କ ଦୈନନ୍ଦିନ କାମରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ପଦ୍ମପୁର ଓ ବୁଡେନ ପୋଲିସ ବାନ୍ଧୁପାଲି ଗାଁକୁ ଯାଇ ଭିଡ଼ ନିୟନ୍ତ୍ରଣ କରିଥିଲା। ଲୋକମାନେ ରବିବାର ଦର୍ଶନ ପାଇଁ ଶନିବାରଠାରୁ ନିକଟସ୍ଥ ଗ୍ରାମ ଓ ବାନ୍ଧୁପାଲିଠାରେ ଡେରା ପକାଇ ରହିଥିଲେ। ଅଣାୟତ୍ତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ଆଗାମୀ ଦୁଇମାସ ପର୍ଯ୍ୟନ୍ତ ମାତାଙ୍କ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି।

**ପରିସ୍ଥିତି ଅଣାୟତ୍ତ ହେବାରୁ କାର୍ଯ୍ୟକ୍ରମ ସ୍ଥଗିତ**

# ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମ ବୈଠକ

**ବରଗଡ଼,୩।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମ (ଓବ୍ଲ୍ୟୁଓପିଟିଏଫ୍)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଡୋଲାମଣି ମାହାର ଏଥିରେ ସଭାପତିତ୍ୱ କରିଥିଲେ। ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମର ସମସ୍ତ ଜିଲାରୁ ୨ଜଣ ଲେଖାଏ ସଦସ୍ୟଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଥିଲା। ସେଥିମଧ୍ୟରୁ ୫ଜଣ ସଦସ୍ୟଙ୍କୁ ଟିମ୍ ଲିଡର ଭାବେ ମନୋନୀତ କରାଯାଇଥିଲା। ରାୟଗଡ଼ା ଜିଲାର ପ୍ରମୋଦ କୁମାର ପଣ୍ଡା, ଝାରସୁଗୁଡ଼ାର ସୁରେଶ ପ୍ରଧାନ, ବରଗଡ଼ର ଶ୍ରୀକାନ୍ତ ବାରିକ, ବଲାଙ୍ଗୀରର ଚକାନନ୍ଦ କର୍ଣ୍ଣ, ସୁନ୍ଦରଗଡ଼ର ରାମଲାଲ ପଟେଲ ଟିମ୍ ଲିଡର ମନୋନୀତ ହୋଇଥିଲେ। ସରକାର ସଂଘର ଦାବି ଉପରେ କୌଣସି ପଦକ୍ଷେପ ନ ନେଲେ ବ୍ଲକ, ଜିଲା ତଥା ରାଜ୍ୟରେ ବିରୋଧ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଶିଶିର ଖଟୁଆ, ଦିଲୀପ ମିଶ୍ର, ଦାମୋଦର ପଣ୍ଡା, ମନୋଜ କୁମାର ସାହୁ, ରକ୍ଷପାଳ ସାହୁ, ଆତ୍ମତୋଷ ପାତ୍ରଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ। କନିଷ୍ଠ ଶିକ୍ଷକ ସଂଘରୁ ସୌମ୍ୟରଞ୍ଜନ ପ୍ରଧାନ, ରାୟଦତ୍ତ ବିଶ୍ୱାଳ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଜିଲା ସମ୍ପାଦକ ଶ୍ରୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୯୪ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୩।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ଡ୍ରାଇଭର ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ସଦର ଥାନା ଏସ୍‌ଆଇ କୌଶିକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୯୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ରକ୍ତଭଣ୍ଡାର କର୍ମଚାରୀ ୫୪ ଏବଂ ବରଗଡ଼ ରକ୍ତଭଣ୍ଡାର କର୍ମଚାରୀ ୪୦ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସଂଘର ଜିଲା ସଭାପତି ନିଳାମ୍ବର ଶାହା, ଉପସଭାପତି ରବିନ୍ଦ୍ର ନାୟକ, ସମ୍ପାଦକ ସୁଧୀର ଦାଶ, ସହ ସମ୍ପାଦକ ଆଶାରାମ ଖମାରୀ, କୋଷାଧ୍ୟକ୍ଷ ସୁମନ୍ତ ମେଣ୍ଡୁଲି, ଡାକ୍ତର ବଗର୍ତ୍ତୀ, ସୁଦାମ ରଥ ପ୍ରମୁଖ ଶିବିର ପରିଚାଳନା କରିଥିଲେ।


ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରାଯାଉଛି ।

# ଛାତ୍ରୀଛାତ୍ରଙ୍କ ପାଇଁ ଆଇନ ସଚେତନତା

**ବରଗଡ଼,୩।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ବିଦ୍ୟାଳୟ ଆଇନ ସାକ୍ଷରତା କ୍ଲବର ସଦସ୍ୟାମାନଙ୍କ ମଧ୍ୟରେ ଜିଲାସ୍ତରୀୟ କ୍ଷୁଦ୍ର ନାଟକ, ପ୍ରବନ୍ଧ, ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଇନ ସଚେତନତା ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଅଦାଲତ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ଲୁନା ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଚାର ବିଭାଗୀୟ ଅତିଥିମାନଙ୍କ ମଧ୍ୟରେ ବରଗଡ଼ ପାରିବାରିକ ଅଦାଲତ ବିଚାରପତି ସୁଶାନ୍ତ କୁମାର ପଟେଲ, ଅତିରିକ୍ତ ଜିଲା ବିଚାରପତି ସଂଘମିତ୍ରା ଶର୍ମା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର କମଳାକାନ୍ତ ରାଉତ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ଲଳିତ ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି (ଏଲଟିଭିଏଲଆର୍) ବର୍ଷା ଶର୍ମା, ଦେୱାନୀ ବିଚାରପତି ସୋନାଲି ମହାନ୍ତି, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, କିରଣ କୁମାର ମିଶ୍ର, ମନୋଜ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଦାଶ, ସୁଶିଲା ନାୟାରଙ୍କ ସମେତ ଜିଲା ଶିକ୍ଷା ବିଭାଗର ଅଧିକାରୀ ତଥା ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

## ବନ୍ଧମୁଣ୍ଡାରେ ଚୋରି, ଜଣେ ଗିରଫ

**ରାଉରକେଲା, (ସଙ୍ଗୀତା ଜେନା):** ବନ୍ଧମୁଣ୍ଡା ଥାନା ଡିଜେଲ କଲୋନୀରେ ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରୁ ମୋବାଇଲ, ହାତଘଡି ଓ ଅନ୍ୟ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ରବିବାର ଡିଜେଲ କଲୋନୀରୁ ଶଙ୍କର କିଲୁଆ(୩୨)ଙ୍କୁ ଗିରଫ କରଛି। ତାଙ୍କଠାରୁ ଚୋରି ସାମଗ୍ରୀ ସହ ଲୁହାରଡ୍ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧୩୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ଚାର୍ଜିଂ ବେଳେ ଜଳିଗଲା ବ୍ୟାଟେରି ସ୍କୁଟି

**ବଡ଼ଗାଁ,୩।୯( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ପଞ୍ଚାୟତ ଭେଲୁଆବାହାଲ ଗ୍ରାମର ଜଣେ ଯୁବକ ଶନିବାର ରାତିରେ ତାଙ୍କ ବ୍ୟାଟେରି ଚାଳିତ ସ୍କୁଟିକୁ ଚାର୍ଜିଂରେ ରଖିଥିବାବେଳେ ତାହା ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ସେହିଗ୍ରାମର ଚନ୍ଦନ କେଶରୀ ଶନିବାର ରାତି ପ୍ରାୟ ୧୦ଟାରେ ସ୍କୁଟିକୁ ଚାର୍ଜିଂରେ ବସାଇଥିଲେ। ହଠାତ୍ ରାତି ୧୧ଟାରେ ସ୍କୁଟିରେ ନିଆଁ ଲାଗି ଯାଇଥିଲା।

### କାଠଫାଳିଆ ମାଡ଼ରେ ସ୍ୱାମୀ ମୃତ, ସ୍ତ୍ରୀ ଗିରଫ

**କବରରୁ ମୃତଦେହ ଜବତ କଲା ପୋଲିସ**

**ବେଦବ୍ୟାସ,୩।୯(ଆଲୋକ ସ୍ୱାଇଁ):** ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଟାଇଁସର ପଞ୍ଚାୟତର ବାଘଲତା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କ କାଠ ଫାଳିଆ ମାଡ଼ରେ ତାଙ୍କ ମଦ୍ୟପ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାକୁ ଚପାଇବା ପାଇଁ ଉକ୍ତ ମହିଳା ଓ ଗ୍ରାମବାସୀ ତରବରିଆ ଭାବେ ଶନିବାର ରାତିରେ ମୃତଦେହକୁ କବର ଦେଇଥିଲେ। ଘଟଣାଟି ପ୍ରଘଟ ହେବା ପରେ ରବିବାର ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଆଶା ନାୟକ। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁସାରେ, ବାଘଲତା ଗ୍ରାମରେ ସୁଶୀଲ ନାୟକ(୪୨) ଓ ତାଙ୍କ ସ୍ତ୍ରୀ ଆଶା ନାୟକ(୩୭) ରହୁଥିଲେ। ପ୍ରତ୍ୟେକ ଦିନ ସୁଶୀଲ ମଦ୍ୟପାନ କରି ଘରକୁ ଆସି ଝଗଡ଼ା କରନ୍ତି। ଶନିବାର ସନ୍ଧ୍ୟାରେ ସମାନ ପରିସ୍ଥିତି ଉପୁଜିଥିଲା। ସୁଶୀଲ ସ୍ତ୍ରୀ ଆଶାଙ୍କୁ ମାରପିଟ କରୁଥିବା ବେଳେ ସେ ଏକ କାଠ ଫାଳିଆରେ ସୁଶୀଲଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସୁଶୀଲଙ୍କ ମୃତ୍ୟୁ ହୋଇଥିଲା। ଏହା ଜାଣିପାରି ଆଶା ଗ୍ରାମବାସୀଙ୍କ ସହଯୋଗରେ ମୃତଦେହକୁ ଗ୍ରାମ ଶ୍ମଶାନକୁ ନେଇ ମାଟିଖୋଳି କବର ଦେଇଥିଲେ। ସୂଚନା ପାଇ ପୋଲିସ ରବିବାର ସକାଳେ ଉକ୍ତ ମୃତଦେହକୁ ଜବତ କରିଥିଲା।

# ନିଅଣ୍ଟିଆ ବର୍ଷା, ଚାଷ ଜମି ଫାଟି ଆଁ

## ଚିନ୍ତାରେ ଚାଷୀ

**କୁତ୍ରା,୩।୯(ଦେବାଶିଷ ସାହୁ)**

ଚଳିତବର୍ଷ ବର୍ଷାର ଅଭାବ ଏତେ ମାତ୍ରାରେ ପରିଲକ୍ଷିତ ହେଉଛି ଯେ ମରୁଡି ହେବା ଏକ ପ୍ରକାର ସୁନିଶ୍ଚିନ୍ତ ହୋଇଗଲାଣି। ଚାଷୀ ବର୍ଷାକୁ ଅନାଇ ଚିନ୍ତାରେ ବସିଛି। ଜୁନ, ଜୁଲାଇ, ଅଗଷ୍ଟ ମାସ ଭଳି ସେପ୍ଟେମ୍ବର ମାସରେ ଏତେ ମାତ୍ରାରେ ଖରା ହେଉଛି ଯେ, ଧାନ ଗଛ ଗୁଡିକ ଝାଉଁଳି ଯାଉଛି। ଲଘୁଚାପ ଜନିତ ବର୍ଷା ଯୋଗୁ କାଁ ଭାଁ ବର୍ଷା ହେଉଛି । ନହେଲେ ବର୍ଷାର ଆଉ ଦେଖା ମିଳୁନାହିଁ। ଯାହାଫଳରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଚାଷ ଜମି ଫାଟି ଆଁ କଲାଣି। ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାକାର ଅଧିକାଂଶ ପରିବାର ଚାଷ ଉପରେ ନିର୍ଭରଶୀଳ। ବ୍ୟାଙ୍କ, ସମବାୟ ସମିତି ତଥା ଅନ୍ୟାନ୍ୟ ସଂସ୍ଥା ଠାରୁ ଋଣ କରି ସେମାନେ ଚାଷ କାର୍ଯ୍ୟ କରିଛନ୍ତି। ହେଲେ ନିଆଣ୍ଟିଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ହୋଇପାରୁ ନାହିଁ। ଏଭଳି ଅବସ୍ଥାରେ ଚାଷୀ ଋଣ ମଧ୍ୟ ସୁଝି ପରିବ ନାହିଁ।


ଚାଷ ଜମି ଫାଟି ଆଁ କରିଛି।

ଏନେଇ ଚିନ୍ତାରେ ଚାଷୀ। ସରକାର ଚାଷ ଜମି ଗୁଡିକରେ ଜଳସେଚନର ବ୍ୟବସ୍ଥା କରିଛନ୍ତି ସତ। ହେଲେ ତାହା ନାମକୁ ମାତ୍ର, ନା ପାଣି ବାହାରୁଛି ନା ଜଳସେଚନ ହେଉଛି। ଏହି ଜଳ ସେଚନ ପ୍ରକଳ୍ପ ଗୁଡିକ ଯଦି କାର୍ଯ୍ୟକାରୀ ହୁଅନ୍ତା ତେବେ ଚାଷୀଙ୍କୁ କିଛି ମାତ୍ରାରେ ଆସ୍ୱସ୍ତି ମିଳି ପାରନ୍ତା ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି। ଚାଷ କାର୍ଯ୍ୟ ପ୍ରାରମ୍ଭିକ ଅବସ୍ଥାରେ ଠିକ ସମୟରେ ବର୍ଷା ନ ହେବାରୁ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିଲା। ପରେ ବର୍ଷା ହେବାରୁ ଚାଷ କାର୍ଯ୍ୟ ଆଗେଇଥିଲା। ହେଲେ ଏବେ ନିଆଣ୍ଟିଆ ବର୍ଷା ଯୋଗୁ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି। କିଛି ଚାଷୀ ଧାନ ପରିବର୍ତ୍ତେ ହରଡ଼ ଭଳି ଡାଲି ଜାତୀୟ ଫସଲ ଓ ପନି ପରିବା ଚାଷ କରିଥିଲେ। କିନ୍ତୁ ତାହା ମଧ୍ୟ ହୋଇ ପାରୁନାହିଁ। ଆଗାମୀ ସପ୍ତାହେ ଦୁଇ ସପ୍ତାହେ ବର୍ଷା ନହେଲେ ସମ୍ପୂର୍ଣ୍ଣ ମାତ୍ରାରେ ମରୁଡି ହେବା ସୁନିଶ୍ଚିନ୍ତ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳ ସେଚନ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କଲେ କିଛି ମାତ୍ରାରେ ଚାଷୀଙ୍କ ମୁହଁରେ ହସ ଫୁଟି ପାରନ୍ତା।

## ଜିଲା ସ୍ତରୀୟ ମହିଳା କଂଗ୍ରେସ ସମାବେଶ



ସମାବେଶରେ ଉପସ୍ଥିତ କଂଗ୍ରେସର ନେତୃବୃନ୍ଦ ଓ କର୍ମୀବୃନ୍ଦ।

**ରାଜଗାଙ୍ଗପୁର,୩।୯(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଜିଲା ସ୍ତରୀୟ ମହିଳା କଂଗ୍ରେସ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ରାଜଗାଙ୍ଗପୁର ଖେଳ ପଡିଆରେ କଂଗ୍ରେସର ବିଭିନ୍ନ ନେତୃବୃନ୍ଦ ଓ କର୍ମୀବୃନ୍ଦ ଏକତ୍ରିତ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ରାଲିରେ ବାହାରିଥିଲେ। କମ୍ୟୁନିଟି ସେଣ୍ଟରରେ ପହଞ୍ଚିବା ପରେ ସେଠାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ମହିଳା କଂଗ୍ରେସ ସଂପାଦିକା ଇଂ ସସ୍ମିତା ବେହେରା, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ମଧୁମିତା ସେଠି ଓ ଅନିତା ବିଶ୍ୱାଳ, ମହିଳା କଂଗ୍ରେସ ସଭାପତି ସରୋଜିନି ବାଙ୍କରା, ଦେବସ୍ମିତା ସାମଲ ପ୍ରମୁଖଙ୍କ ସହ ଅନ୍ୟ ନେତୃବୃନ୍ଦ ଯୋଗଦେଇ ବକ୍ତବ୍ୟ ମାନ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଦେଶ ତଥା ରାଜ୍ୟରେ ସୁଶାସନ ଆଣିବା ପାଇଁ ଆଗାମୀ ନିର୍ବାଚନରେ କଂଗ୍ରେସକୁ ବିପୁଳ ପରିମାଣରେ ଜୟଯୁକ୍ତ କରିବା ପାଇଁ ଉପସ୍ଥିତ କର୍ମୀବୃନ୍ଦ ଓ ନେତୃବୃନ୍ଦଙ୍କୁ କହିଥିଲେ ଓ ମୋଦି ହଟାଓ ନବୀନ ହଟାଓର ନାରା ଦେଇଥିଲେ। ରାଜଗାଙ୍ଗପୁର ଟାଉନ କଂଗ୍ରେସ ସଭାପତି ଦିପୁ ବିନୋଦ, ଅରୁଣ ସାମଲ, ସନ୍ତୋଷ ସ୍ୱାଇଁ ପ୍ରମୁଖଙ୍କ ସହ ବିଭିନ୍ନ ସରପଞ୍ଚ, ସମିତିସଭ୍ୟ ଓ ବହୁ ଅନ୍ୟ କଂଗ୍ରେସ ପଦାଧିକାରୀ ଉପସ୍ଥିତ ଥିଲେ।

## ଆୟୁଷ ଡାକ୍ତରଙ୍କ ଭରସାରେ ବିଶ୍ରା ଡାକ୍ତରଖାନା



**ବିଶ୍ରା,୩।୯( ବଟ କୃଷ୍ଣ ସ୍ୱାଇଁ)**

ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା। ଡାକ୍ତର ଅଛନ୍ତି ହେଲେ ସେମାନଙ୍କ ଦେଖା ନାହିଁ। ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ରୋଗୀ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହୋଇ ଶେଷରେ ନିରାଶ ହୋଇ ଫେରୁଛନ୍ତି। ଠିକା ଡାକ୍ତରଙ୍କ ହାତରେ ଚାଲିଛି ଏହି କେନ୍ଦ୍ର। ଏଠାରେ ଜଣେ ହେଲେ ବି ବିଶେଷଜ୍ଞ ଡାକ୍ତର ନାହାଁନ୍ତି। ଜଣେ ଶିଶୁ ବିଶେଷଜ୍ଞ ଅଛନ୍ତି। ହେଲେ ସେ ଅନେକ ସମୟରେ ଅଫିସ କାମରେ ବାହାରକୁ ଯାଇଥାନ୍ତି। କେବଳ ଜଣେ ଆୟୁଷ ଡାକ୍ତରଙ୍କ ଭରଷାରେ ଚାଲିଛି ଏହି ସ୍ୱାସ୍ଥ୍ୟ କେନ୍ଦ୍ର। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଇନଚାର୍ଜରେ ଥିବା ଡାକ୍ତର ପି.କେ ସାହୁଙ୍କୁ ପଚାରିବାରୁ, କେବଳ ଜଣେ ଡାକ୍ତରଙ୍କୁ ଛାଡିଦେଲେ ଅନ୍ୟ ସମସ୍ତେ ଅସ୍ଥାୟୀଭାବେ କାର୍ଯ୍ୟ କରୁଛନ୍ତି। ଆୟୁଷ ଡାକ୍ତରଙ୍କ ଭରଷାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି ବୋଲି ସେ କହିଥିଲେ।

## ଟ୍ରେଲର ପଛରେ ପିଟିହେଲା କାର୍: ଜଣେ ମୃତ

**ବ୍ରଜରଜନଗର, ୩।୯(ବିଜୟ ବରାଡ)**

ଝାରସୁଗୁଡା ଜିଲା ବ୍ରଜରଜନଗର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ର ନୂଆଡିହି ଟୋଲ ଗେଟ ନିକଟ ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରେଲର ପଛରେ ଏକ କାର ପିଟି ହୋଇ ଦୁର୍ଘଣାଗ୍ରସ୍ତ ହୋଇଛି। ଶନିବାର ବିଳମ୍ବିତ ରାତିରେ ଘଟିଥିବା ଏହି ଦୁର୍ଘଟଣାରେ କାରରେ ଥିବା ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁବ୍ରତ ଦେବନାଥ(୩୬)। ଏ ନେଇ ମୃତକଙ୍କ ବାପା ମୋତି ଗୋପାଳ ଦେବନାଥ ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସୁବ୍ରତ ରାତ୍ରିଭୋଜନ ସାରି ଘରେ ଶୋଇଥିଲେ। ରାତିରେ ସୁଜିତ ରାୟ ଓ ମେହେର ସାଏ ପୁଅକୁ ଝାରସୁଗୁଡା ଯିବା କହି ଡାକି ନେଇଥିଲେ। ସେଠାରୁ କାର (ନଂ ଓଡି ୧୫ଏନ ୮୪୪୧)ରେ ଫେରୁଥିବା ସମୟରେ ନୂଆଡିହି ଟୋଲ ଗେଟଠାରେ ରାସ୍ତାରେ ଛିଡା ହୋଇଥିବା ଟ୍ରେଲର ପଛପଟରେ ପିଟି ହୋଇଯାଇଥିଲେ। ତୁରନ୍ତ ସେମାନଙ୍କୁ ଝାରସୁଗୁଡା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ସୁବ୍ରତଙ୍କୁ ମୃତ ଘୋଷଣ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(୨୩୩/୨୩)ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରକାଶ କରିଛନ୍ତି। ଅନ୍ୟ ୨ ଆହତଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

## କବି ବିନୋଦଙ୍କ ସାହିତ୍ୟକୃତି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

### କବି ବିନୋଦଚନ୍ଦ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ସୁନ୍ଦରଗଡ,୩।୯ (ଜୟ ନାରାୟଣ ମେଣ୍ଡୁଲି)**

କବି ବିନୋଦ ଚନ୍ଦ୍ର ନାଏକ ହେଉଛନ୍ତି ଆଧୁନିକ ମୁକ୍ତଛନ୍ଦର କବି। ବଳିଷ୍ଠ ଶବ୍ଦ ସଂଯୋଜନା, ଭୂମି ଠାରୁ ଭୂମା ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କ ଦୃଷ୍ଟିଭଙ୍ଗୀ ଆଧାରରେ ତାଙ୍କର ସୃଜନ ସମ୍ଭାର ଅନନ୍ୟ ବୋଲି କବିଙ୍କ ୧୦୪ତମ ଜନ୍ମ ଜୟନ୍ତୀ ଅବସରରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୁନ୍ଦରଗଡ ସାହିତ୍ୟ ଅନୁଷ୍ଠାନ ଅରଣ୍ୟାର ସହଯୋଗରେ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ପ୍ରାରମ୍ଭରେ କବି ବିନୋଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା। ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅରଣ୍ୟାର ସଂପାଦକ, ବିଶିଷ୍ଟ ଗାଳ୍ପିକ ତଥା ବିନୋଦ ନାଏକ ସ୍ମୃତି କମିଟିର ଆବାହକ ରାଜକିଶୋର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଓଡିଆ ଆଧୁନିକ ସାହିତ୍ୟର କବି ବିନୋଦଙ୍କ ସାହିତ୍ୟକୃତି ଓଡିଆ ସାରସ୍ୱତଭଣ୍ଡାରକୁ ଋଦ୍ଧିମନ୍ତ କରିପାରିଛି ବୋଲି କହିଥିଲେ। ବିନୋଦ ନାଏକ ସ୍ମୃତି କମିଟି ପକ୍ଷରୁ ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ହେଲେ ପ୍ରଶାସନିକ ଅନୁମତିରେ ଅହେତୁକ ବିଳମ୍ବ ଯୋଗୁ ୨ ବର୍ଷ ବିତିଯାଇଥିଲେ ମଧ ପ୍ରତିମୂର୍ତ୍ତି ସ୍ଥାପନ ହୋଇ ପାରୁ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ପ୍ରାକ୍ତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିନୋଦୀୟ ସାହିତ୍ୟକୁ ପ୍ରଶଂସା କରିବା ସହ ବିନୋଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସଂସ୍କୃତି ସୁରକ୍ଷାର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଧୁନିକ ସାହିତ୍ୟକୁ ବଳିଷ୍ଠ ଅବଦାନ ଦେଇଥିବା ଏହି ମାଟିର ସାରସ୍ୱତ ବରପୁତ୍ରଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳିବା ଓ ତାଙ୍କ ସାହିତ୍ୟକୃତିର ବ୍ୟାପକ ଅନୁଶୀଳନ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ସରକାରୀ କଲେଜର ଓଡିଆ ବିଭାଗର ମୁଖ୍ୟ ଡ. କୁଳମଣି ବେହେରା ମୁଖ୍ୟ ବକ୍ତାଭାବେ ଯୋଗଦେଇ ବିନୋଦଙ୍କ ସୃଜନସମ୍ଭାରର ବିଭିନ୍ନ ଦିଗ, ତାଙ୍କ ଆଧୁନିକତାର ଦୃଷ୍ଟିଭଙ୍ଗୀ, ରୋମାଣ୍ଟିକ ଚେତନା ସଂପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ ସମ୍ମାନିତ ବକ୍ତାଭାବେ ଯୋଗଦେଇ କବିଙ୍କ କାଳଜୟୀ ସୃଷ୍ଟି ଗ୍ରାମପଥ କବିତାରେ ବର୍ଣ୍ଣିତ ପ୍ରାକୃତିକ ସୁଷମା, ଜୀବନର ପ୍ରତିଟି ବିଭବକୁ ପ୍ରତିପାଦିତ କରିଥିବା ଏହି କବିତା ପଂକ୍ତିର ଭାବଧାରାର ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ରଙ୍କୁ ଅରଣ୍ୟା ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟିକା ଚିରବ୍ରତ ଦତ୍ତ, ବେଣୁମାଧବ ତ୍ରିପାଠୀ, ଦୁର୍ଗା ମାଧବ ପଣ୍ଡା, ସୁଷମା ପଟେଲ,ଗୋପକୃଷ୍ଣ ନାଏକ, ରାମେଶ୍ୱର ପଟେଲ, ଜୀବେଶ୍ୱରୀ ପଟେଲ,କିଶୋରୀ ଦାସ, ମୀନାରାଣୀ ସହାୟ, ସୌମ୍ୟ ସହାୟ ପ୍ରମୁଖ ଯୋଗ ଦେଇଥିଲେ। ଅଧାପିକା ମିନତି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ ଧନ୍ୟବାଦ ଦେଇଥିଲେ।

## ବିଜେଡି କର୍ମୀ ସମ୍ମିଳନୀ

**ସୁନ୍ଦରଗଡ,୩।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିରେଇଠାରେ ବିଜୁ ଜନତା ଦଳର ଏକ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳସରାର ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ କୁମାର ମାଝି, ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

ଏଥିସହ ବିଜେଡି ସଂଗଠନକୁ ମଜଭୁତ କରିବାକୁ ଉପସ୍ଥିତ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ରାଜ୍ୟ ଜାଗା ମିଶନ ଉପଦେଷ୍ଟା ଶାଶ୍ୱତୀ ମିଶ୍ର, ଚମେଲି ଓରାମ, ଜିଲାପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ଜିତେନ୍ଦ୍ର କର, ସୁନୀଲ ମହାପାତ୍ର ଓ କିରେଇ ନାଏବ ସରପଞ୍ଚ ପ୍ରମୁଖ ଯୋଗଦେଇ ଦଳୀୟ ସଂଗଠନକୁ ସୁଦୃଢ କରି ରାଜ୍ୟର ବିକାଶ ସହ ଜିଲାର ବିକାଶକୁ ଆଗେଇ ନେବାକୁ ସମସ୍ତ ସହଯୋଗ କାମନା କରିଥିଲେ।

## ଅସହାୟଙ୍କ ମୃତଦେହ ସତ୍କାର କଲା ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ,୩।୯(ଜୟ ନାରାୟଣ ମେଣ୍ଡୁଲି)**

ତୁହାକୁ ତୁହା ବର୍ଷା ଓ ବଜ୍ରପାତ ସତ୍ତ୍ୱେ ସ୍ୱର୍ଗଦ୍ୱାରରେ ଜଣେ ଅସହାୟଙ୍କ ମୃତଦେହସତ୍କାର କଲା ଟିମ୍ ଶଶ୍ମାନ ବନ୍ଧୁ। ଟିମ୍ ସଦସ୍ୟ ରିଷ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ଶବସତ୍କାରେ ସହଯୋଗ କରିଥିଲେ। ଟିମ୍ ଶ୍ମଶାନ ବନ୍ଧୁର ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି। ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଖିଲିମାଲ ଗ୍ରାମର ୨୨ ବର୍ଷୀୟ ଯୁବକ ଅଜୁ ତନ୍ତୀ ନିଜ ବଡଭାଇ ସାଙ୍ଗରେ ଗୋଆରେ ମାଛଧରି ଜୀବିକା ନିର୍ବାହ କରୁଥିଲେ। ଗତ କିଛିଦିନ ତଳେ ଗାଁକୁ ଆସିଥିଲେ। ଶନିବାର ନିଜ ଗ୍ରାମରୁ ସବ୍‌ଡେଗା ଆଡକୁ ବାଇକ୍ ଯୋଗେ ଆସୁଥିବା ବେଳେ ଡୁମଲିଆ ବଣ୍ଡାପୋଲ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଜୁଙ୍କ ମା' ବାପା ଆରପାରିକୁ ଚାଲି ଯାଇଥିବା ବେଳେ ବଡଭାଇ ସୁଦୂର ଗୋଆ ରାଜ୍ୟରେ ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଇଥିବାରୁ ତାଙ୍କ ସହିତ ଯୋଗାଯୋଗ ହୋଇ ପାରି ନ ଥିଲା। ଫଳରେ ଗ୍ରାମର କିଛି ଯୁବକ ଓ ପଡୋଶୀ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ଶିଶିର କୁମାର ବେହେରାଙ୍କୁ ଯୋଗାଯୋଗ କରି ଗ୍ରାମକୁ ନେଇ ମୃତଦେହସତ୍କାର କରିବାକୁ ଅକ୍ଷମତା ପ୍ରକାଶ କରିବା ସହିତ ସହଯୋଗ କରିବାକୁ ନିବେଦନ କରିଥିଲେ। ଗ୍ରାମର ଯୁବକଙ୍କ ଉପସ୍ଥିତରେ ଶବସତ୍କାର ହୋଇଥିଲା।

## ଏକଦିବସୀୟ ଫୁଟ୍‌ବଲ୍ | ଲାଙ୍ଗବାହାଲ ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ବ୍ରଜରଜନଗର, ୩।୯(ବିଜୟ ବରାଡ)**

ଝାରସୁଗୁଡା ଜିଲା ବ୍ରଜରାଜନଗର ରାଜପୁର ପଞ୍ଚାୟତ ଝୁନାନୀମୁଣ୍ଡା ଖେଳ ପଡ଼ିଆରେ ଗଣପତି କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ଲାଙ୍ଗବାହାଲ କ୍ଲବ ଓ ଦରଲିପାଲି ମଧରେ ହୋଇଥିଲା। ଏଥିରେ ୨–୦ ଗୋଲରେ ଦରଲିପାଲିକୁ ହରାଇ ଲାଙ୍ଗବାହାଲ ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିବରଣ ଉତ୍ସବରେ ରାଜପୁର ସରପଞ୍ଚ ସରସତୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ରାଜପୁର ପୂର୍ବତନ ସମିତି ସଭ୍ୟ ବିଧାୟିକା ପ୍ରତିନିଧି ଗଣେଶ ରାମ ବାଗ ପୂର୍ବତନ ଖେଳାଳି ଉପିନ ମୁଣ୍ଡା, ଜଳନ୍ଧର ମୁଣ୍ଡା, ପୂର୍ବତନ ଓ୍ୱାର୍ଡସଭ୍ୟ ପ୍ରଦୀପ ସା, ସନ୍ତୋଷ ଚୌଧୁରୀ, ମଙ୍ଗଳ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅଞ୍ଚଳର ୮ ଟି ଦଳ ଭାଗ ନେଇଥିଲେ। ଗଣପତି କ୍ଲବ ସଦସ୍ୟ ସରୋଜ ମୁଣ୍ଡା, ସୁନୀଲ ମୁଣ୍ଡା, ପିଣ୍ଟୁ ମୁଣ୍ଡ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

## ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ସୁନ୍ଦରଗଡ, ୩।୯ (ଜୟନାରାୟଣ ମେଣ୍ଡୁଲି)**

ଜିଲା କ୍ରୀଡାସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ୨ୟ ଜିଲା ମହିଳା ଫୁଟ୍‌ବଲ ଚମ୍ପିୟାନସିପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ)ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ନାରାୟଣ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡା ସଂସଦର ଟୁର୍ନାମେଣ୍ଟ କମିଟି ଅଧକ୍ଷ ମେରୀଜନ୍ ବାଗେ ସଭାରେ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ମହିଳା ଚମ୍ପିୟାନସିପରେ ଜିଲାର ସମସ୍ତ ବ୍ଲକରୁ ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ସେଣ୍ଟ ମେରୀ ସୁନ୍ଦରଗଡ ୫–୦ ଗୋଲରେ କଞ୍ଜିରିକେଲା ହାଇସ୍କୁଲଠାରୁ ବିଜୟୀ ହୋଇଛି। ୨ୟ ମ୍ୟାଚରେ ଲହୁଣୀପଡା ସ୍ପୋର୍ଟସ ଆସୋସିଏଶନର ବୁଲକି ମୁଣ୍ଡାଙ୍କ ୫ଗୋଲ ବଳରେ କଞ୍ଜିର୍ମା ହାଇସ୍କୁଲ ଠାରୁ ୫–୦ ଗୋଲରେ ବିଜୟୀ ହୋଇଛି। ୩ୟ ମ୍ୟାଚରେ ଅଞ୍ଜଳି ବରୁଆଙ୍କ ୨ଗୋଲ ବଳରେ ରାଉରକେଲାର କଳିଙ୍ଗ ସ୍ପୋର୍ଟିଂ ଫାଉଣ୍ଡେଶନ ୩–୧ ଗୋଲରେ କୋଇଡା ଫୁଟବଲ କ୍ଲବ ଠାରୁ ବିଜୟୀ ହୋଇଛି। ଶେଷ ମ୍ୟାଚରେ କୁଆଁରମୁଣ୍ଡା ଏକାଦଶ, ଲାଠିକଟା ଫୁଟବଲ କ୍ଲବ ଠାରୁ ୮–୦ ଗୋଲରେ ବିଜୟୀ ହୋଇଛି। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବାରୁ ସେଣ୍ଟ ମେରୀ ସୁନ୍ଦରଗଡ ଦଳର ମହିମା ଲୁଗୁନ୍ , ଲହୁଣୀପଡା ଦଳର ବୁଲକି ମୁଣ୍ଡା, ରାଉରକେଲା କଳିଙ୍ଗ ସ୍ପୋର୍ଟିଂ କ୍ଲବର ଅଞ୍ଜଳି ବରୁଆ ଓ କୁଆଁରମୁଣ୍ଡା ଏକାଦଶ ଦଳର ଜୋସ୍ନା ଲାକ୍ରାଙ୍କୁ ଫାଓ ତରଫରୁ ଫୁଟବଲ ଓ ଟ୍ରଫି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଖେଳକୁ ରେଫରୀ ରୀନା ତିର୍କୀ ,ସୁମନି ଲାକ୍ରା, ବାଳମତୀ ଓରାମ୍, ବାସନ୍ତୀ କିଷାନ ପରିଚାଳନା କରିଥିବା ବେଳେ ଜାତୀୟ ରେଫରୀ ଦୁର୍ଗା ମାଧବ ନାଏକ ମ୍ୟାଚ କମିସନର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରୀଡା ସଂସଦର ସଭାପତି ପୌଷଚନ୍ଦ୍ର ପଟେଲ, ବିମଳ ଘୋଷ, ଅଶ୍ୱିନୀ ଭୋଳ, ସହ ସଂପାଦକ ଜୟଦେବ ପାତ୍ର, କୋଷାଧକ୍ଷ ଦୁର୍ଗାମାଧବ ନାଏକ, ସଭ୍ୟ ନିତ୍ୟ କୁମାର ବଳ, ରୋମାଞ୍ଚ ଭୈଷାଁଲ, ଜଗମୋହନ ରାଉତ, ବିଶ୍ୱରଞ୍ଜନ ହୋତା, ଶିଶିର ପଟେଲ, ସୁରଜ ଭୈଷାଁଲ, ପ୍ରସାଦ ନାଏକ, ସୁଶିଲ ପଟେଲ, ନିତ୍ୟାନନ୍ଦ ଦାସ, ଶ୍ୟାମନନ୍ଦନ ସହାୟ, ସଞ୍ଜୀବ ପଟ୍ଟନାୟକ, ହୃଦୟରଞ୍ଜନ ସିଂ, ପୂର୍ବତନ ଜାତୀୟ ଖେଳାଳୀ କାର୍ତ୍ତିକ ରକ୍ସା, ରାଜେଶ ଗୁରୁ, ବିଶ୍ୱରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ନେତ୍ରାନନ୍ଦ ମହନ୍ତ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ।


ଉଦ୍‌ଘାଟନୀ ମ୍ୟାଚରେ ଖେଳାଳୀ ଓ ଅନ୍ୟମାନେ।

